RNI No.ODIODI/2010/33031
୧୭ ବର୍ଷ Volume-17
ISSUE -190 ସଂଖ୍ୟା-୧୯୦
ଭୁବନେଶ୍ୱର, ମଙ୍ଗଳବାର ୧୩ ଅକ୍ଟୋବର ୨୦୨୬
Bhubaneswar, Tuesday 13 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଇଣ୍ଡି ମେଣ୍ଟର ଶୋଭାଯାତ୍ରା : ସୁପ୍ରିମକୋର୍ଟରେ ପିଟିସନ ଦାଖଲ

**ନୂଆଦିଲ୍ଲୀ,୧୨।୧୦(ନି.ପ୍ର.):** ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଆକ୍ରମଣକୁ ଆହୁରି ଶାଣିତ କରିଛନ୍ତି ରାହୁଲ ଗାନ୍ଧି । ବିରୋଧୀ ଇଣ୍ଡିଆ ବ୍ଲକ ସହ ମିଶି ଆଜି ରାହୁଲ ଗାନ୍ଧି ବିଧିବଦ୍ଧ ଭାବେ ଜ୍ଞାନେଶ କୁମାର ଓ ଭାରତୀୟ ନିର୍ବାଚନ କମିଶନ ବିରୋଧରେ ଗୋଟିଏ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି । ବାସ୍ତବରେ ରାହୁଲ ଗାନ୍ଧିଙ୍କ ସମେତ ଇଣ୍ଡିଆ ବ୍ଲକର ୮ ଜଣ ସଦସ୍ୟ ବ୍ୟକ୍ତିଗତ ଭାବେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିବାର ଥିଲା । ଏଥିପାଇଁ ମଧ୍ୟାହ୍ନରେ ହଜାର ହଜାର ସମର୍ଥକଙ୍କ ସହ କନୌଟ ପ୍ୟାଲେସ-ବାରାଖମ୍ବା ରୋଡ ଜଙ୍କସନରୁ ୨ କିମି ଦୂରରେ ଥିବା ସୁପ୍ରିମକୋର୍ଟଙ୍କ ଅଭିମୁଖେ ରାହୁଲ ଗାନ୍ଧି ବିଶାଳ ଶୋଭାଯାତ୍ରା ଆରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ଏତେ ଭିଡ ଥିଲା ଯେ ଆଗକୁ ବଢ଼ିବା ବେଶ କଷ୍ଟକର ହୋଇ ପଡିଥିଲା ।

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ୪.୩୦ ଯାଏ ସମୟ ଦେଇଥିବାରୁ ଏହା ମଧ୍ୟରେ ରାହୁଲ ଓ ଅନ୍ୟମାନଙ୍କୁ ବ୍ୟକ୍ତିଗତ ଭାବେ ସେଠାରେ ହାଜର ହେବାର ଥିଲା । କିନ୍ତୁ ରାହୁଲ ଗାନ୍ଧି ଶୋଭାଯାତ୍ରାରେ ବ୍ୟସ୍ତ ଥିବାରୁ ଠିକ ସମୟରେ ଅର୍ଥାତ ୪.୩୦ ସୁଦ୍ଧା ସୁପ୍ରିମକୋର୍ଟରେ ପହଞ୍ଚି ପାରି ନଥିଲେ ।

ଏଥିପାଇଁ ରାହୁଲ ତଥା କଂଗ୍ରେସର ଲିଗାଲ ଟିମ ତାଙ୍କ ପାଇଁ



ସୁପ୍ରିମକୋର୍ଟରେ ବିଧିବଦ୍ଧ ଭାବେ ପିଟିସନ ଦାଖଲ କରିଛି । ଏବେ ସୁପ୍ରିମକୋର୍ଟରେ ରାହୁଲ ଗାନ୍ଧି ବନାମ ଭାରତୀୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ମାମଲା ପଞ୍ଜିକୃତ ହୋଇଛି । ଆବେଦନରେ ଭୋଟ ଚୋରି ଓ ଏସଆଇଆର ବେଳେ ହୋଇଥିବା ଅନିୟମିତତା ସମ୍ପର୍କରେ ଉଲ୍ଲେଖ କରାଯାଇଛି । ଭାରତୀୟ ନିର୍ବାଚନ କମିଶନଙ୍କ ବିରୋଧରେ ରୁଜୁ ପିଆଇଏଲରେ ୮ ଜଣ ଆବେଦନକାରୀ ରହିଛନ୍ତି । ସେମାନେ ହେଲେ ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖଡଗେ, ଟିଏମସି ସାଂସଦ ସୌଗତ ରୟ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ଶିବସେନା (ଉଦ୍ଧବ ଠାକରେ) ସାଂସଦ ସଞ୍ଜୟ ରାଉତ, ସିପିଆଇ(ଏମ)ର ଏମଏ ବେବୀ ଓ ସିପିଆଇ ନେତା ଡି ରାଜା । ସମସ୍ତେ ଜ୍ଞାନେଶ କୁମାର, ଭୋଟ ଚୋରି ଓ ଏସ୍ ?ଆଇଆରକୁ ନେଇ ପ୍ରକାଶ ପାଇଥିବା ଚିନ୍ତାକୁ ନିଜ ନିଜର ଆବେଦନର ଉଲ୍ଲେଖ କରିଛନ୍ତି । ସୁପ୍ରିମକୋର୍ଟରେ ପିଟିସନ ଦାଖଲ ହୋଇ ସାରିଥିଲେ ହେଁ କଂଗ୍ରେସ ଓ ଇଣ୍ଡିଆ ବ୍ଲକର ଶୋଭାଯାତ୍ରା ଶେଷ ହୋଇନାହିଁ । ଏବେ ବି ହଜାର ହଜାର ବିରୋଧୀ ଦଳର କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରା ଜାରି ରଖିଛନ୍ତି । ସେମାନେ ସୁପ୍ରିମକୋର୍ଟକୁ ଯିବା ପାଇଁ ଲାଗିଥିବା ପ୍ରଥମ ବ୍ୟାରିକେଡକୁ ଅତିକ୍ରମ କରି ଯାଇଥିବାରୁ ଏବେ ସର୍ବୋଚ୍ଚ ଅଦାଲତର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ।

# ଭୋଟର ତାଲିକାରେ ତ୍ରୁଟି ହଟାଇବାକୁ ଏସଆଇଆର ଜରୁରୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୧୦(ନି.ପ୍ର.):** ଭୋଟର ତାଲିକାକୁ ତ୍ରୁଟିମୁକ୍ତ ଓ ସଠିକ୍ କରିବା ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ଏକ ଆବଶ୍ୟକ ତଥା ଗଠନମୂଳକ ପଦକ୍ଷେପ । ଏହା ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଭରସାକୁ ଆହୁରି ମଜବୁତ କରିବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଦିଲ୍ଲୀରେ ଏସଆଇଆରକୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ନିଜର ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ । ତାଙ୍କ ମତରେ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସଠିକ୍ ଭୋଟର ତାଲିକା ଅତ୍ୟନ୍ତ ଜରୁରୀ । ଏଥିସହ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାର ସୁରକ୍ଷିତ ରହିବା ମଧ୍ୟ ଆବଶ୍ୟକ ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୋଟର ତାଲିକାରେ ଏକାଧିକ ଥର ନାଁ ରହିବା, ମୃତ ବ୍ୟକ୍ତିଙ୍କ ନାଁ ହଟିନଥିବା ଏବଂ ପୁରୁଣା ଠିକଣା ଭଳି ତ୍ରୁଟି ତାଲିକାର ସଠିକତାକୁ ପ୍ରଭାବିତ କରିପାରେ ।

ଏସଆଇଆର ମାଧ୍ୟମରେ ଏଭଳି ଅସଙ୍ଗତି ଚିହ୍ନଟ କରିବା, ନକଲି ବା ଦୋହରା ଏଣ୍ଟ୍ରି ହଟାଇବା, ମୃତ ବ୍ୟକ୍ତିଙ୍କ ରେକର୍ଡ ଅପଡେଟ୍ କରିବା ଏବଂ ଠିକଣା ପରିବର୍ତ୍ତନ ଭଳି ତଥ୍ୟ ସଂଶୋଧନ କରିବା ସମ୍ଭବ ହୋଇଥାଏ । ଏହାସହ ସମସ୍ତ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରେ ରହିବା ନିଶ୍ଚିତ କରିବା ମଧ୍ୟ ଏହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ।ଏସଆଇଆରକୁ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସଂଶୋଧନ ପ୍ରକ୍ରିୟାରେ କୌଣସି ଯୋଗ୍ୟ ଭୋଟରଙ୍କ ନାଁ ଭୁଲରେ ବାଦ୍ ପଡ଼ିବା ଉଚିତ ନୁହେଁ । ତାଙ୍କ ମତରେ, ନିର୍ବାଚନରେ ସମାନ ପ୍ରତିନିଧିତ୍ୱ, ନିରପେକ୍ଷତା ଓ ପ୍ରତ୍ୟେକ ଭୋଟରେ ମୂଲ୍ୟର ସୁରକ୍ଷା ପାଇଁ ଭୋଟର ତାଲିକାରେ ସଠିକ୍ ତଥ୍ୟ ରହିବା ଜରୁରୀ । ତେଣୁ ସମଗ୍ର ପ୍ରକ୍ରିୟାକୁ ନିରପେକ୍ଷତା, ସତର୍କତା ଓ ଉପଯୁକ୍ତ ଯାଞ୍ଚ ସହ କାର୍ଯ୍ୟକାରୀ କରିବା ଆବଶ୍ୟକ ।ଅନ୍ୟପଟେ, ଏସଆଇଆରକୁ ନେଇ ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମାଝୀ ଭୋଟର ତାଲିକାର ଶୁଦ୍ଧତା ଓ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାର, ଉଭୟର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି । ସଠିକ୍ ଭୋଟର ତାଲିକା କେବଳ ଏକ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ।

# ୨୪ ଘଣ୍ଟାରେ ବଙ୍ଗୋପସାଗରରେ ବାତ୍ୟା ଆଶଙ୍କା

ନୂଆଦିଲ୍ଲୀ,୧୨।୧୦:ବଙ୍ଗୋପସାଗରରେ ପୁଣି ଘନୀଭୂତ ହେଉଛି ବାତ୍ୟା । ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ନୂଆ ପାଣିପାଗ ନିୟାମକ ବା ସାମୁଦ୍ରିକ ଝଡ଼ ସୃଷ୍ଟି ହେବାକୁ ଯାଉଛି । ଅକ୍ଟୋବର ୧୩ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବ । ଅନ୍ୟପଟେ ଉତ୍ତର ଭାରତରେ ସକ୍ରିୟ ପଶ୍ଚିମା ଝଡ଼ ଏବଂ ସାଇକ୍ଲୋନିକ୍ ସର୍କୁଲେସନ୍ ପ୍ରଭାବରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର, ଓଡ଼ିଶା ଏବଂ ଦିଲ୍ଲୀ-ଏନ୍ସିଆର୍ ସମେତ ଅନେକ ରାଜ୍ୟରେ ପ୍ରବଳ ବର୍ଷା, ବଜ୍ରପାତ, ଘଡ଼ଘଡ଼ି ଏବଂ ଘଣ୍ଟାପ୍ରତି ୭୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି ।

ଦେଶର ବିଭିନ୍ନ ଭାଗରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷା, ଘଡ଼ଘଡ଼ି ଏବଂ ତୀବ୍ର ଝଡ଼ପବନ ଜାରି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି । ବଙ୍ଗୋପସାଗରରେ ଏକ ନୂଆ ସିଷ୍ଟମ୍ ସକ୍ରିୟ ହେଉଥିବା ବେଳେ ଅକ୍ଟୋବର ୧୩ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପୂର୍ବ, ଉତ୍ତର ଓ ଦକ୍ଷିଣ ଭାରତର ବହୁ ରାଜ୍ୟରେ ବ୍ୟାପକ ବର୍ଷା ସହ ୫୦ ରୁ ୬୦ କିଲୋମିଟର ଏବଂ କେତେକ ସ୍ଥାନରେ ଘଣ୍ଟାପ୍ରତି ୭୦ କିଲୋମିଟର ବେଗରେ ପବନ ବହିପାରେ ।

ପାଣିପାଗ ବିଭାଗ ଅନୁଯାୟୀ, ଉତ୍ତର-ପଶ୍ଚିମ ରାଜସ୍ଥାନରୁ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ଟ୍ରଫ୍ ଲାଇନ୍, ଦକ୍ଷିଣ ବାଂଲାଦେଶ ଆଖପାଖରେ ଚକ୍ରବାତୀ ସଞ୍ଚାଳନ ଏବଂ ହିମାଚଳ ପ୍ରଦେଶ ଉପରେ ସକ୍ରିୟ ପଶ୍ଚିମା ଝଡ଼ କାରଣରୁ ଦେଶସାରା ପାଣିପାଗରେ ଏହି ବଡ଼ ପରିବର୍ତ୍ତନ ଦେଖାଦେଇଛି ।

ମଲାକା ପ୍ରଣାଳୀ ଉପରେ ଥିବା ସାଇକ୍ଲୋନିକ୍ ସର୍କୁଲେସନ୍ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗର ଆଡ଼କୁ ଅଗ୍ରସର ହେବ । ଏହାର ପ୍ରଭାବରେ ଅକ୍ଟୋବର ୧୩ ଆଖପାଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ, ଯାହା ଦ୍ୱାରା ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜରେ ବର୍ଷା ପରିମାଣ ବୃଦ୍ଧି ପାଇବ ।

ଅକ୍ଟୋବର ୧୨ ରୁ ୧୫ ମଧ୍ୟରେ ଦିଲ୍ଲୀ, ହରିୟାଣା, ଚଣ୍ଡୀଗଡ଼ ଏବଂ ପଞ୍ଜାବରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ଘଡ଼ଘଡ଼ି, କୁଆପଥର ବୃଷ୍ଟି ଏବଂ ୫୦ ରୁ ୭୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି । ଗଛ, ଦୁର୍ବଳ ନିର୍ମାଣ ଏବଂ ବିଦ୍ୟୁତ୍ ଖୁଣ୍ଟ ନିକଟରେ ଛିଡ଼ା ନହେବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

ପଶ୍ଚିମ ଉତ୍ତରପ୍ରଦେଶରେ ଅକ୍ଟୋବର ୧୨ ରୁ ୧୬ ଏବଂ ପୂର୍ବ ଉତ୍ତରପ୍ରଦେଶରେ ୧୫-୧୬ ଅକ୍ଟୋବରରେ ବର୍ଷା ସମ୍ଭାବନା ଅଛି । ବିହାରରେ ଅକ୍ଟୋବର ୧୨ ଏବଂ ୧୫ ରୁ ୧୭ ମଧ୍ୟରେ ବର୍ଷା ହୋଇପାରେ । ସେହିପରି ନେପାଳରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ବିହାରର ସୀମାନ୍ତ ଜିଲ୍ଲାଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ।

ପୂର୍ବ ଭାରତର ଓଡ଼ିଶାରେ ଅକ୍ଟୋବର ୧୨ ରୁ ୧୭ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ପୂର୍ବାନୁମାନ କରାଯାଇଛି । ଝାଡ଼ଖଣ୍ଡରେ ୧୨-୧୩ ଅକ୍ଟୋବର ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗରେ ୧୪ ରୁ ୧୭ ଅକ୍ଟୋବର ମଧ୍ୟରେ ବର୍ଷା ହେବ ।

ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ଅକ୍ଟୋବର ୧୨ ରୁ ୧୭ ମଧ୍ୟରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଭୂସ୍ଖଳନର ଆଶଙ୍କା ଥିବାରୁ ସ୍ଥାନୀୟ ପ୍ରଶାସନକୁ ଆଲର୍ଟରେ ରଖାଯାଇଛି । ଜମ୍ମୁ-କାଶ୍ମୀର ଓ ଲଦାଖରେ ମଧ୍ୟ ବ୍ୟାପକ ବର୍ଷା ହେବ ।

ଅସମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ଅକ୍ଟୋବର ୧୭ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଦକ୍ଷିଣ ଭାରତର ତାମିଲନାଡୁ, ପୁଡୁଚେରୀ, କେରଳ ଏବଂ ଛତିଶଗଡ଼ରେ ମଧ୍ୟ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି ।

# ବ୍ରଜମୋହନ ରାମ ଓଡିଶାର ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨।୧୦(ନି.ପ୍ର.): ଓଡିଶାର ନୂତନ ତଥା ୩୮ତମ ରାଜ୍ୟପାଳ ଭାବେ ଝାଡଖଣ୍ଡର ବ୍ରଜମୋହନ ରାମଙ୍କୁ ନିଯୁକ୍ତି ଦିଆଯାଇଛି । ଆଜି ଏନେଇ ରାଷ୍ଟ୍ରପତି ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଡ ବ୍ରଜମୋହନ ରାମ ସମ୍ପ୍ରତି ଝାଡଖଣ୍ଡ ଭାରତୀୟ ଜନତା ପାର୍ଟି (ବିଜେପି)ର ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଭାପତି ଭାବେ ଦାୟିତ୍ୱ ତୁଲାଉଛନ୍ତି । ସେ ଡକ୍ଟର କମ୍ଭମପତି ହରି ବାବୁଙ୍କ ସ୍ଥାନ ନେବେ । ନୂଆ ରାଜ୍ୟପାଳଙ୍କ ନିଯୁକ୍ତିପରେ ଓଡ଼ିଶାର ଲୋକଭବନରେ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ହରିବାବୁ କମ୍ଭମପତି ୩୭ତମ ଓଡିଶା ରାଜ୍ୟପାଳ ଭାବେ ୩ ଜାନୁଆରି ୨୦୨୫ରେ ନିଯୁକ୍ତି ପାଇଥିଲେ । ୧ ବର୍ଷ ୨୮୨ ଦିନ ଦାୟିତ୍ୱ ସମ୍ଭାଳିଥିଲେ । ଏହାପୂର୍ବରୁ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଓଡିଶାର ୩୬ତମ ରାଜ୍ୟପାଳ ଭାବେ ୧ ବର୍ଷ ୬୩ଦିନ ଦାୟିତ୍ୱ ସମ୍ଭାଳିଥିଲେ ।



ତେବେ କେବଳ ଓଡ଼ିଶା ନୁହେଁ, ୬ ରାଜ୍ୟର ରାଜ୍ୟପାଳ ପଦରେ ମଧ୍ୟ ପରିବର୍ତ୍ତନ ହୋଇଛି । ସିକ୍କିମର ରାଜ୍ୟପାଳ ଓମ୍ ? ପ୍ରକାଶ ମାଥୁରଙ୍କୁ କେରଳମର ରାଜ୍ୟପାଳ ଏବଂ କେରଳମର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲ ?କରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ଉଲ୍ଲେଖ ରହିଛି । ଏଥିସହ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଡକ୍ଟର ଡାଲ ସିଂହ ବିସେନଙ୍କୁ ଉତ୍ତରାଖଣ୍ଡ ଏବଂ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି । ରାଜନୀତିରେ ସେ ବିଭିନ୍ନ ଦାୟିତ୍ୱ ତୁଲାଇବା ସହ ସଂଗଠନକୁ ମଜବୁତ କରିବାରେ ମଧ୍ୟ କାମ କରିଛନ୍ତି । ୧୯୯୧ରୁ ୧୯୯୫ ମଧ୍ୟରେ ସେ ଅବିଭକ୍ତ ବିହାର ବିଧାନସଭାର ସଦସ୍ୟ ଥିଲେ । ପରେ ୧୯୯୬ରୁ ୨୦୦୪ ମଧ୍ୟରେ ସେ ପଲାମୁ ଲୋକସଭା ଆସନରୁ ତିନିଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।

## ବିଜେପି ପୂର୍ବତନ ବିଧାୟକଙ୍କୁ ପିଟି ପିଟି ହତ୍ୟା

ଜୟପୁର୧୨।୧୦: ରାଜସ୍ଥାନର ଭରତପୁରରେ ବର୍ବରତା ସୀମା ଟପିଛି । ବିଜେପିର ଜଣେ ପୂର୍ବତନ ବିଧାୟକ ଭିଡ଼ ହିଂସାର ଶିକାର ହୋଇଛନ୍ତି । ଗ୍ରାମବାସୀଙ୍କ ଆକ୍ରମଣରେ ଶିକାର ହୋଇ ଚିକିତ୍ସିତ ହେଉଥିବା ପୂର୍ବତନ ବିଧାୟକ ଅତର ସିଂହ ଭଡାନାଙ୍କ ମୃତ୍ୟୁ ହୋଇଯାଇଛି । ଅକ୍ଟୋବର ୧୧ ତାରିଖ ସନ୍ଧ୍ୟା ପ୍ରାୟ ୬:୩୦ ସମୟରେ ୱେର୍ ଥାନା ଅଞ୍ଚଳ ଅନ୍ତର୍ଗତ ଭୌଣ୍ଡା ଗ୍ରାମରେ କ୍ରସର୍ ପ୍ଲାଣ୍ଟ ପୁନର୍ବାର ଚାଲୁ ହେବାକୁ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ପ୍ରାୟ ଏକ ବର୍ଷ ଧରି ବନ୍ଦ ରହିଥିବା ଏହି କ୍ରସର୍ ପ୍ଲାଣ୍ଟକୁ ପୁନର୍ବାର ଚାଲୁ କରିବା ପାଇଁ ଉଦ୍ୟମ କରାଯାଉଥିଲା । ପୂର୍ବତନ ବିଧାୟକ ଅତର ସିଂ ନିଜର ସମର୍ଥକଙ୍କ ସହିତ ସେଠାରେ ପହଁଚିଥିଲେ । ଏହି ସମୟରେ ଗ୍ରାମବାସୀ ଭଡାନା ଓ ତାଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ କରିଥିଲେ । ଫଳରେ ଭଡାନା ଓ ତାଙ୍କ ସହଯୋଗୀ ଗଗନ ଶର୍ମା ଗୁରୁତର ଗୁରୁତର ହୋଇପଡ଼ିଥିଲେ । ଉଭୟଙ୍କୁ ପ୍ରଥମେ ୱେର୍ ସବ୍ ଡିଭିଜନ ଡାକ୍ତରଖାନାକୁ ନିଆଯାଇଥିଲା । ସେମାନଙ୍କର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ଭଡାନାଙ୍କୁ ଜୟପୁର ଏବଂ ଗଗନ ଶର୍ମାଙ୍କୁ ଭରତପୁରକୁ ସ୍ଥାନାନ୍ତର କରାଯାଇଥିଲା । ଜୟପୁରସ୍ଥିତ ଏସ୍ଏମ୍ଏସ୍ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଭଡାନାଙ୍କ ମୃତ୍ୟୁ ଘଟିଥିଲା ।

# ଓଡ଼ିଶା ବିଜେପିରେ ନୂଆ ରଣନୀତି

**ଭୁବନେଶ୍ୱର,୧୨।୧୦(ନି.ପ୍ର.):** ଓଡ଼ିଶାରେ ବିଜେପିର ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ମଜଭୁତ କରିବା ଉପରେ ଦଳର ଶୀର୍ଷ ନେତୃତ୍ୱର ଫୋକସ୍ । ଏହି କ୍ରମରେ ସୋମବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି ବିଜେପିର ଜାତୀୟ ଯୁଗ୍ମ ସାଧାରଣ ସମ୍ପାଦକ (ସଙ୍ଗଠନ) ସୌଦାନ ସିଂହ । ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଜ୍ୟର ବିକାଶ, ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଏବଂ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଭଳି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା ।



ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ସୌଦାନ ସିଂହଙ୍କ ସହ ଆଲୋଚନା ଫଳପ୍ରଦ ରହିଥିଲା । ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ଆହୁରି ସକ୍ରିୟ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ପ୍ରାଥମିକତା ଦେବା ଉପରେ ଆଲୋଚନା ହୋଇଥିଲା ।

ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ଲାଭ ଯେପରି ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଏହା ସହ ଓଡ଼ିଶାର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ମତବିନିମୟ ହୋଇଥିଲା ।

ସୌଦାନ ସିଂହଙ୍କର ଦୀର୍ଘ ସାଙ୍ଗଠନିକ ଅଭିଜ୍ଞତା ଓ ମାର୍ଗଦର୍ଶନ ରାଜ୍ୟର ଦଳୀୟ କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ତୃଣମୂଳ ସ୍ତରରେ ଦଳର ଉପସ୍ଥିତିକୁ ଆହୁରି ବ୍ୟାପକ କରିବା ଏବଂ ସଂଗଠନ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖିବା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ।

ଓଡ଼ିଶା ସହ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସାଂଗଠନିକ ଦାୟିତ୍ୱ ପାଇବା ପରେ ସୌଦାନ ସିଂହ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଭୁବନେଶ୍ୱରକୁ ତାଙ୍କ କାର୍ଯ୍ୟକଳାପର କେନ୍ଦ୍ର ଭାବେ ରଖାଯାଇଛି ।

ଏହି ଗସ୍ତ ସମୟରେ ସେ ରାଜ୍ୟ ବିଜେପିର ପଦାଧିକାରୀ, ବିଧାୟକ ଓ ମନ୍ତ୍ରୀମାନଙ୍କ ସହ ବୈଠକ କରିବେ । ଆଗାମୀ ସ୍ଥାନୀୟ ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ସ୍ଥିତି ସମୀକ୍ଷା କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ସୌଦାନ ସିଂହଙ୍କ ଏହି ଗସ୍ତ ଓ ରାଜ୍ୟ ନେତୃତ୍ୱ ସହ ଆଲୋଚନାକୁ ଓଡ଼ିଶାରେ ବିଜେପି ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି ।

# ଏଣିକି ଯନ୍ତରମନ୍ତରରେ ଆନ୍ଦୋଳନ ମନା

## ଜାରି ହେଲା ନୂଆ ବିଜ୍ଞପ୍ତି

ନୂଆଦିଲ୍ଲୀ,୧୨।୧୦: ଦେଶର ରାଜଧାନୀ ଦିଲ୍ଲୀରେ ଥିବା ଯନ୍ତରମନ୍ତରରେ ଆଉ କେହି ଆନ୍ଦୋଳନ କରିପାରିବେ ନାହିଁ । ଯନ୍ତରମନ୍ତର ଆଉ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ନୁହେଁ । ଏଠାରେ କୌଣସି ବ୍ୟକ୍ତି କିମ୍ବା ସଂଗଠନ ଆଉ ବିକ୍ଷୋଭ କିମ୍ବା ଧାରଣା ଦେଇ ପାରିବେ ନାହିଁ । ଆଜି ଦିଲ୍ଲୀ ପୁଲିସ୍ ଏନେଇ ଗୋଟିଏ ବିଜ୍ଞପ୍ତି ଜାରି କରିଛି । ଯନ୍ତରମନ୍ତରକୁ ମିଳିଥିବା ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରି ନିଆଯାଇଛି ।

ଯନ୍ତରମନ୍ତର ଠାରୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରାଯାଇଥିବା ବେଳେ ଏବେ ଆନ୍ଦୋଳନ ପାଇଁ ଦିଲ୍ଲୀର ଆଉ ୩ଟି ବିକଳ୍ପ ସ୍ଥାନ ଚିହ୍ନଟ କରାଯାଇଛି । ଯନ୍ତରମନ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ ଓ କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ କରିବାକୁ ଚାହୁଁଥିବା ବେଳେ ପୁଲିସ ସହ ମୁହାଁମୁହିଁ




ସ୍ଥିତି ଦେଖାଯାଇଥିଲା । ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଏବେ ଏଭଳି ଖବର ସାମ୍ନାକୁ ଆସିଛି ।

ପୁଲିସ୍ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ପୂର୍ବ ଦିଲ୍ଲୀରେ ଥିବା ରାମଲୀଲା ଗ୍ରାଉଣ୍ଡ, ବୁରାରୀ ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡକୁ ନୂଆ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଛି । ଦିଲ୍ଲୀ ପୁଲିସ୍ କମିଶନର ଅନୁରାଗ କୁମାରଙ୍କ ଦସ୍ତଖତ ଏଥିରେ ରହିଛି । ୨୦୨୨ ଏପ୍ରିଲ ୨୮ରେ ଯନ୍ତରମନ୍ତରକୁ ଧାର୍ଯ୍ୟ ବିକ୍ଷୋଭ ସ୍ଥଳ ଭାବେ ଚିହ୍ନଟ କରାଯାଇଥିଲା । କିନ୍ତୁ ଏବେ ଜାରି ବିଜ୍ଞପ୍ତି ପରେ ପୂର୍ବ ନିର୍ଦ୍ଦେଶ ବଦଳି ଯାଇଛି ।

ପୁଲିସ୍‌ର କହିବା କଥା ଯେ ନୂଆ କରି ଚିହ୍ନଟ ହୋଇଥିବା ୩ ବିକ୍ଷୋଭ ସ୍ଥଳରେ ଆନ୍ଦୋଳନ ପାଇଁ ପରବର୍ତ୍ତୀ ସମୟରେ ସଂଶୋଧିତ ଏସ୍ଓପି ଜାରି କରାଯିବ । ସେହିପରି ଗୃହ ମନ୍ତ୍ରାଳୟ ଦ୍ୱାରା ଗଠିତ କମିଟିର ସୁପାରିସ୍ ପରେ ପୁଲିସ୍ ଯନ୍ତରମନ୍ତରକୁ ମିଳିଥିବା ଧାରଣା ସ୍ଥଳ ମାନ୍ୟତା ପ୍ରତ୍ୟାହାର କରିଛି ।

ଏହି ବିଜ୍ଞପ୍ତି ପୂର୍ବରୁ ସିଜେପି କର୍ମକର୍ତ୍ତା ଆଜି ସଂସଦ ମାର୍ଗ ପୁଲିସ୍ ଷ୍ଟେସନରେ ପହଞ୍ଚି ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଅନୁମତି ମାଗିଥିଲେ । ପୁଲିସ୍ ଏହାକୁ ଗ୍ରହଣ କରିଥିବା ବେଳେ ସିଜେପି ପକ୍ଷରୁ ଏହା ଉପରେ ନିଷ୍ପତ୍ତି ନେବାକୁ ୨୪ ଘଣ୍ଟାର ସମୟ ଦିଆଯାଇଥିଲା । ଯଦି ପୁଲିସ ୨୪ ଘଣ୍ଟା ମଧ୍ୟରେ ଆନ୍ଦୋଳନ ପାଇଁ ସମୟ ନ ଦେବ, ତା'ହେଲେ ଦଳ ତା'ର ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିବ ବୋଲି ମଧ୍ୟ ସିଜେପି ଚେତାବନୀ ଦେଇଥିଲା ।

## ଅର୍ଥନୀତିରେ ଦୁଇ ଜଣଙ୍କୁ ନୋବେଲ୍

ନୂଆଦିଲ୍ଲୀ,୧୨।୧୦(ନି.ପ୍ର.): ଚଳିତ ବର୍ଷ ଅର୍ଥନୀତିରେ ୨ ଜଣଙ୍କୁ ମିଳିବ ନୋବେଲ ପୁରସ୍କାର । ଅର୍ଥନୀତିଜ୍ଞ ରବର୍ଟ ଇ ହଲ ଓ ମାଇକେଲ ଉଡଫୋର୍ଡଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ମାଇକ୍ରୋଇକୋନୋମିକ ଫାଉଣ୍ଡେସନ ଅଫ ମାକ୍ରୋଇକୋନୋମିକ ଷ୍ଟାବିଲାଇଜେସନ ପାଇଁ ଉଭୟଙ୍କୁ ନୋବେଲ ପୁରସ୍କାର ଦିଆଯିବ । ଏହି ଦୁଇ ଅର୍ଥନୀତିଜ୍ଞ ନୂଆ ମାକ୍ରୋ ଇକୋନୋମିକ୍ ମଡେଲ୍ ବିକଶିତ କରିଛନ୍ତି । ଏହା ଅର୍ଥନୀତିକୁ ସ୍ଥିର ରଖିବା ପାଇଁ ପ୍ରଭାବଶାଳୀ ନୀତି ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ । ଏହି ମଡେଲଗୁଡ଼ିକ ଦ୍ୱାରା ସରକାର ଆର୍ଥିକ ନୀତି ଓ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତିକୁ ଉପଯୁକ୍ତ ସମୟରେ ଲାଗୁ କରିପାରିବେ ।

# ଭିଜିଲାନ୍ସ ଜାଲରେ ଶିକ୍ଷା ଅଧିକାରୀ, ୧୯ଟି ପ୍ଲଟ୍ ଠାବ

ଚଣ୍ଡିଖୋଲ,୧୨।୧୦(ନି.ପ୍ର.): ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟଦେବ ଜେନାଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି ।



ଏବିଇଓଙ୍କର ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି । ଯାଜପୁର, ଭୁବନେଶ୍ୱର, ଗଞ୍ଜାମରେ ଚଢ଼ଉ ହେଉଛି । ଚଢ଼ଉରେ ୩ ଜଣ ଅତିରିକ୍ତ ଏସ୍ପି, ୪ ଜଣ ଡିଏସ୍ପି, ୯ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ସହଯୋଗୀ କର୍ମଚାରୀ ସାମିଲ ହୋଇଛନ୍ତି । ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ତିନି ମହଲା କୋଠା, ଗଞ୍ଜାମ ଜିଲ୍ଲା ପି ନୂଆଗାଁରେ ଥିବା ଦୁଇ ମହଲା କୋଠା, ଅନ୍ୟ ଏକ କୋଠା, ବ୍ରହ୍ମପୁରରେ ଥିବା ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ଜନନୀ ବିହାରରେ ଥିବା ସମ୍ପର୍କୀୟଙ୍କ ଘର, ଯାଜପୁର ଜିଲ୍ଲାର ଜାରକାସ୍ଥିତ ଭଡ଼ା ଘର ଏବଂ କାର୍ଯ୍ୟାଳୟରେ ତଲାସି କରାଯାଇଛି । ଚଢ଼ଉ ସମୟରେ ତାଙ୍କର ଖଲ୍ଲିକୋଟ, କୋଦଳା ଏବଂ ଭୁବନେଶ୍ୱରରେ ୧୯ଟି ଦାମୀ ପ୍ଲଟ୍, ଏକାଧିକ କୋଠା ଥିବା ଜଣାପଡ଼ିଛି । ତା ସହିତ ଘରୁ ସୁନା, ରୁପା ଓ ହୀରା ଅଳଙ୍କାର, ରୁପାର ଗିଲାସ, ଚାମଚ ଏବଂ ଗିନା ଆଦି ଜବତ କରାଯାଇଛି । କେତେ ପରିମାଣ ସମ୍ପତ୍ତି ଅଛି ସେ ନେଇ ଆକଳନ କରାଯାଇ ନାହିଁ ।

## ୱେବ ଚ୍ୟାନେଲ ସମ୍ପାଦକ ସୁଧାଂଶୁ ରାଉତଙ୍କୁ ଗିରଫ କଲା ପୋଲିସ୍

ଭୁବନେଶ୍ୱର,୧୨।୧୦(ନି.ପ୍ର.): ୱେବ ଚ୍ୟାନେଲ ଫୋକସ ପ୍ଲସ' ର ସମ୍ପାଦକ ସୁଧାଂଶୁ ରାଉତଙ୍କୁ ପୁଣି ଗିରଫ କରାଯାଇଛି । ଆଜି ଓଡ଼ିଶା ପୋଲିସ ତାଙ୍କୁ ହତ୍ୟା ଉଦ୍ୟମ ଏବଂ ଭୟଭୀତ ପ୍ରଦର୍ଶନ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ୍ ଗିରଫ କରିଥିବା ସୂଚନା ମିଳିଛି ।ଏହା ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଏକାଧିକ ମାମଲା ରହିଛି । ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କୁ ଲାଞ୍ଚ ଯାଚିଥିବା ନେଇ ସୁଧାଂଶୁ ମିଛ ଖବର ପ୍ରସାରଣ କରିଥିବା ଅଭିଯୋଗ ହୋଇଥିଲା । ଏହି ମାମଲାରେ ଓଡ଼ିଶା ତତାଙ୍କର ଅଗ୍ରିମ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ । ଏହାପରେ ସେ ଏନେଇ ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ । ସେଠାରେ ସେ ଆଶ୍ୱସ୍ତ ହୋଇଥିଲେ ଏବଂ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା । ପୂର୍ବରୁ ସୋସିଆଲ ମିଡିଆରେ ଅଶ୍ଳୀଳ ତଥା ମିଛ ଖବର ପ୍ରସାରଣ ଏବଂ ଆଥଲେଟ୍ ଦୂତୀ ଚାନ୍ଦଙ୍କ ଅଭିଯୋଗ ଆଧାରରେ ବ୍ଲାକମେଲିଂ ମାମଲାରେ ମଧ୍ୟ ସେ ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ ।

## ନେପାଳରେ ପୁଣି ଜଳ ପ୍ରଳୟ

କାଠମାଣ୍ଡୁ: ପୁଣି ଥରେ ନେପାଳରେ ଜଳ ପ୍ରଳୟ । ନେପାଳ ଗୋର୍ଖା ଜିଲ୍ଲା ବୁଢ଼ୀ ଗଣ୍ଡକୀ ନଦୀରେ ଅଚାନକ ବନ୍ୟା ଆସି ତାଣ୍ଡବ ରଚିଛି । ଆଖି ପିଛୁଳାକେ ୪୦ରୁ ଉର୍ଦ୍ଧ୍ୱ ଘର ଓ ୬ଟି ପୋଲ ଭସାଇ ନେଇଥିବାବେଳେ ଅନେକ ଲୋକ ନିଖୋଜ ଅଛନ୍ତି । ପ୍ରାୟ ୧୫୦ରୁ ଅଧିକ ବିଦେଶୀ ନାଗରିକ ଫସି ରହିଛନ୍ତି । ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ରବିବାର ସକାଳେ ଗଣ୍ଡକୀ ନଦୀରେ ବନ୍ୟା ଆସିଥିଲା । ଏ ନେଇ ପ୍ରଶାସନ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଥିଲା । ଫଳରେ ସ୍ଥାନୀୟ ଲୋକେ ଉଚ୍ଚ ଓ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ । କିନ୍ତୁ ବିଦେଶୀ ପର୍ଯ୍ୟଟକମାନଙ୍କ ପାଖରେ ଖବର ପହଁଚି ପାରିନଥିଲା ।

# ନବରଙ୍ଗପୁର ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ଜେଲ୍

ନବରଙ୍ଗପୁର,୧୨।୧୦(ନି.ପ୍ର.):: ବହୁଚର୍ଚ୍ଚିତ ନବରଙ୍ଗପୁର ଦୁଷ୍କର୍ମ ମାମଲାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଏକ ବଡ଼ ରାୟ ଶୁଣାଇଛନ୍ତି । ଅଭିଯୁକ୍ତ ଡେଭିଡ୍ ଗରଡ଼ାଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ହୋଇଛି । ଜରିମାନା ଅନାଦାୟରେ ଅତିରିକ୍ତ ଏକ ବର୍ଷ ଜେଲ୍ ଦଣ୍ଡର ନିର୍ଦ୍ଦେଶ ରହିଛି । ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)କୁ ନିର୍ଦ୍ଦେଶ ଦିଆଯାଇଛି ।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ଡେଭିଡ୍ ଗରଡ଼ା ପୀଡ଼ିତାଙ୍କ ବାପାଙ୍କ ଅଧୀନରେ ସାଉଣ୍ଡ ସିଷ୍ଟମ୍ ଅପରେଟର ଭାବେ କାମ କରୁଥିଲେ । ଏହି ସମ୍ପର୍କରେ ସେ ପରିବାରର ନିକଟତର ହୋଇଥିଲେ । ପରେ ମାନସିକ ପରାମର୍ଶ ଦେବା ବାହାନାରେ ପୀଡ଼ିତାଙ୍କ ସହ ଘନିଷ୍ଠତା ବଢ଼ାଇଥିବା ଅଭିଯୋଗ ହୋଇଥିଲା ।ଅଭିଯୋଗ ଅନୁସାରେ, ମାର୍ଚ୍ଚ ୨୦୨୫ରେ ପୀଡ଼ିତା ଘରେ ଏକୁଟିଆ ଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଦୁଷ୍କର୍ମ କରିଥିଲେ ଏବଂ ଘଟଣା



ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି ।

ପୀଡ଼ିତା ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଯିବା ପରେ ମଧ୍ୟ ଅଭିଯୁକ୍ତ ତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା । ସେପ୍ଟେମ୍ବର ୨୦୨୫ରେ ବିବାହ କଲେ ସମସ୍ୟାର ସମାଧାନ ହୋଇଯିବ ବୋଲି କହି କିଛି କାଗଜପତ୍ରରେ ଦସ୍ତଖତ କରାଇଥିବା ଅଭିଯୋଗ ମଧ୍ୟ ରହିଛି । ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ବ୍ୟକ୍ତିଗତ ଫଟୋ ସୋସିଆଲ ମିଡିଆରେ ପ୍ରକାଶ କରିବାକୁ ଧମକ ଦେବା ସହ ଇନଷ୍ଟାଗ୍ରାମରେ ତାଙ୍କ ପିତାମାତାଙ୍କ ବ୍ୟକ୍ତିଗତ ଫଟୋ ପୋଷ୍ଟ କରିଥିବା ଅଭିଯୋଗ ହୋଇଥିଲା । ପୀଡ଼ିତାଙ୍କ ଲିଖିତ ଅଭିଯୋଗ ପରେ ୩୧ ଅକ୍ଟୋବର ୨୦୨୫ରେ ନବରଙ୍ଗପୁର ଥାନାରେ କେସ୍ ନମ୍ବର ୪୬/୨୫ ରୁଜୁ ହୋଇଥିଲା । ପୋଲିସ ପୋସକୋ ଆଇନ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ୧୮ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ପ୍ରମାଣକୁ ଯାଞ୍ଚ କରିବା ପରେ ବିଚାରପତି ଏହି ରାୟ ଶୁଣାଇଥିଲେ ।



# ନବ ନିର୍ମିତ ପ୍ରେକ୍ଷାଳୟରେ ପ୍ରଥମ ନାଟକ ପରିବେଷଣ

କୁଚିଣ୍ଡା,୧୨।୧୦ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ କଳା ପରିଷଦ ର ନୂତନ ଭାବେ ଉଦଘାଟନ ହୋଇଥିବା ପ୍ରେକ୍ଷାଳୟରେ ନାଟ ନାଟୁଆ ପରିବାର କୁଚିଣ୍ଡା ପକ୍ଷରୁ ପ୍ରଥମ ମଞ୍ଚ ନାଟକ 'ଶଙ୍ଖନାଦ' ପରିବେଷଣ କରାଯାଇଥିଲା।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ କୁଚିଣ୍ଡା ର କଳା, ସଂସ୍କୃତି



ଏବଂ କଳାକାର ମାନଙ୍କ ଉନ୍ନତି ହୋଇପାରିବ ସେ ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଆକାଶବାଣୀ ନାଟ୍ୟକାର ହୃଦାନନ୍ଦ ଶର୍ମା, ନାଟ୍ୟକାର ସୁରଥ ନାୟକ, କଳା ପରିଷଦ ସମ୍ପାଦକ କୁମରେସ ଦଶଭାୟା, ନାଟ୍ୟକାର ପର୍ଶୁରାମ ମିଶ୍ର,ନାଟ୍ୟ ନିର୍ଦ୍ଦେଶକ ସତ୍ୟ ନାରାୟଣ ପଟେଲ, ସାଂସ୍କୃତିକ ସଂଗଠକ ମଲୟ ବେହେରା ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି କୁଚିଣ୍ଡା ଅଞ୍ଚଳର ଆଗ କାଳରେ ଯେମିତି କଳା ସଂସ୍କୃତି ରେ ସବୁବେଳେ ଆଗରେ ରହିଥିଲା, ଏବେ ଏହି ପ୍ରେକ୍ଷାଳୟର ଉନ୍ନତି ସହିତ ତାହାର ପୁନରୁଦ୍ଧାର କିପରି ହେବା ସହିତ ଅଞ୍ଚଳର କଳା ଓ ସଂସ୍କୃତି ଅଧିକରୁ ଅଧିକ ଆଗକୁ ବଢିବ ସେ ବିଷୟରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମ କୁ ବିଭୁତି କଲ୍ୟାଣ ପଟେଲ ପରିଚାଳନା କରିଥିବାବେଳେ,ନାଟ ନାଟୁଆ ପରିବାର ର ସହ ସଂଯୋଜକ ସୁଜିତ ବୁଡା ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ନାଟକ ଦେଖିବା ପାଇଁ ଅଞ୍ଚଳର କଳାକାରମାନଙ୍କ ସହିତ ଅନେକ ଜନସାଧାରଣ ଙ୍କ ସମାଗମ ହୋଇଥିଲା।

# କୁଆଁର ପୁନେଇଁ ଜହ୍ନ ଲୋ ମହୋତ୍ସବ ପାଇଁ ପ୍ରତିଯୋଗିତା, ୩ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଯୋଗଦାନ

ବ୍ରହ୍ମପୁର,୧୨।୧୦ :(ମନ୍ଥନ) ଚଳିତ ମାସ ୨୫ ତାରିଖ ଦିନ ଆଇ.ଟି.ଆଇ ପରିସରରେ ଥିବା ଅଡିଟୋରୀୟମରେ ଅନୁଷ୍ଠିତ ହେବ ସୁପରିଚିତ ସାଂସ୍କୃତିକ କାର୍ଯ୍ୟକ୍ରମ ସପ୍ତଦଶ କୁଆଁର ପୁନେଇଁ ଜହ୍ନ ଲୋ ଆନ୍ତର୍ଜାତୀୟ ମହୋତ୍ସବ। ଏନେଇ ଆଜି ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ଷ୍ଟାଡିୟମ ଠାରେ ଲୁପ୍ତପ୍ରାୟ ଗ୍ରାମୀଣ ମହିଳା କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼. ଅସୀମା ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିବା ବେଳେ, ବ୍ରହ୍ମପୁର ସରକାରୀ ଶିଳ୍ପ ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ପରିଡ଼ା ସମ୍ମାନିତ ଅତିଥି ରୂପେ ଏବଂ ବରିଷ୍ଠ ଅନ୍ତର୍ଜାତୀୟ ଗୈଡ ପ୍ରତିଭା ଟୁକୁ ସେଠି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। କୁଆଁର ପୁନେଇଁ ଜହ୍ନ ଲୋ କାର୍ଯ୍ୟକ୍ରମର ସଭାପତି ତଥା ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ସୁଦୀପ୍ତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ତଥା



ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀଙ୍କ ସଂଯୋଜନାରେ କୁଆଁର ପୁନେଇ ସଙ୍ଗୀତର ଧୁନର ତାଳେ ତାଳେ ୭ଟି ଗ୍ରାମୀଣ ମହିଳା କ୍ରୀଡ଼ାରେ ବ୍ରହ୍ମପୁର ସହର ସହର ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଝିଅ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ଼. ସାହୁ ଗଞ୍ଜାମର କଳା ନିଆରା, ଏଥି ସହ ଲୁପ୍ତପ୍ରାୟ ଗାମୀଣ କ୍ରୀଡ଼ାର ବିକାଶ ଲାଗି ଏହି ଅନୁଷ୍ଠାନ ଯେଉଁ ପ୍ରୟାସ କରୁଛି ତାହା ଅତି ପ୍ରଶଂସନିୟ ବୋଲି କହିଥିଲେ। ତେବେ ଅନୁଷ୍ଠିତ ପ୍ରତିଯୋଗିତା ସମୂହ ଯଥା ସଙ୍ଗୀତରେ ବିଚାରକ ରୂପେ ଡ. ଚନ୍ଦନ କାର୍ଯ୍ୟ ନିର୍ବାହ କରିଥିବା ବେଳେ, କ୍ରୀଡା କାର୍ଯ୍ୟକ୍ରମକୁ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡ଼ାବିତ ଓ ରେଫେରି ବିନାୟକ ହୋତା, ସୁକାନ୍ତି ପାତ୍ର, ଶରତ ମହାପାତ୍ର, ମନୋରମା ମହାପାତ୍ର, ରବୀନ୍ଦ୍ର ମହାରଣା, ସୋନି ପଟ୍ଟନାୟକ, ସୁଜାତା ବିଶୋୟୀ, ପରିଚାଳନା କରିଥିଲେ। ସେହିପରି ସମ୍ଭବ ହେଲଥ କ୍ଲିନିକ୍ ତରଫରୁ ପ୍ରତିଯୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏନେଇ କୃତି ପ୍ରତିଯୋଗୀଙ୍କୁ ସୋମବାର ଠାରୁ ସ୍ୱତନ୍ତ୍ର ନୃତ୍ୟ ତାଲିମ ଦିଆଯିବା ପରେ ଏମାନେ କୁଆଁର ପୁନେଇଁ ଜହ୍ନ ଲୋ.. ମହୋତ୍ସବ ଦିନ ମଞ୍ଚରେ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ବ୍ୟକ୍ତିତ୍ୱ ମାନଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟ ଆବାହକ ଶ୍ରୀ ପାଣିଗ୍ରାହୀ କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ଓ କୁଆଁର ପୁନେଇ ଜହ୍ନ ଲୋ ଉତ୍ସବ କମିଟି ତରଫରୁ ତ୍ରିପତି ବାଲାଜି ପାତ୍ର, ଡକ୍ଟର ମିହୀର କୁମାର ତ୍ରିପାଠୀ, ସୁନିଲ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ଡକ୍ଟର ବିଶ୍ୱନାଥ ପାଣିଗ୍ରାହୀ, ଭଗବାନ ମହାରଣା, ସୁହୃଦ ପାଣିଗ୍ରାହୀ, ନଳିନୀ କାନ୍ତ ଗୌଡ଼, ସୋନାଲି ପଣ୍ଡା, ରବୀନ୍ଦ୍ର ଗୌଡ, କୃପାସିନ୍ଧୁ ସାହୁ, ସଂହିତା ପାଣିଗ୍ରାହୀ, ବସନ୍ତ ସାହୁ, ଜିତୁନ ସାହୁ ଏବଂ ସୁଶାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା, ୧୨।୧୦ :(ମନ୍ଥନ) ସ୍ଥାନୀୟ ପିପୁଲ୍ସକଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ସଭାଗୃହରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଭଗବାନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରତୀକ୍ଷା ସାହୁ, ଅଧ୍ୟାପିକା କ୍ରିଷ୍ଣା କୁମାରୀ ବର୍ଗେ ଓ ମଧୁସ୍ମିତା ପ୍ରଧାନ , ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏ ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କୁ ଉପହାର ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ ନିଜ ଡିପାର୍ଟମେଣ୍ଟ ଓ କଲେଜର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ । ଏଥି ସହ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବିଭାଗୀୟ ଅଧ୍ୟାପନାକାରୀମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ ।

# ବଲାଙ୍ଗୀର ପରିବହନ ବିଭାଗ ତରଫରୁ ସେବା ସଂକଳ୍ପ ଅଭିଯାନ'

ବଲାଙ୍ଗୀର,୧୨।୧୦ :(ମନ୍ଥନ) ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ତଥା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବଲାଙ୍ଗୀର ଜିଲ୍ଲା ପରିବହନ ବିଭାଗ ତରଫରୁ ବଙ୍ଗୋମୁଣ୍ଡାଠାରେ ଟ୍ୟାକ୍ସି ସଂଘର ଚାଳକମାନଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଆର ଟି ଓ ପ୍ରିୟବ୍ରତ ମହାନ୍ତି ଙ୍କ ନିର୍ଦ୍ଦେଶ ରେଉକ୍ତ ଶିବିରରେ କନିଷ୍ଠ ମୋଟର ଯାନ ନିରୀକ୍ଷକ ପ୍ରଶାନ୍ତ କୁମାର ପାଢ଼ୀ ଚାଳକମାନଙ୍କୁ ସଡ଼କ ସୁରକ୍ଷା ନିୟମାବଳୀର ଅନୁପାଳନ, ନିରାପଦ ଯାନ ଚାଳନା ଏବଂ



ସଡ଼କ ଦୁର୍ଘଟଣା ନିରାକରଣ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଇଥିଲେ। ଏଥିସହିତ, ଯାତାୟାତ ସମୟରେ ଟ୍ରାଫିକ୍ ନିୟମ ପାଳନ କରିବା ସହ ନିଜର ତଥା ଅନ୍ୟ ରାସ୍ତା ବ୍ୟବହାରକାରୀଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ମାଁ ସାଉଁତେଶ୍ୱରୀ ମହେତ୍ସବ ଅଏଁଲାସାରୀଠାରେ ଉଦ୍‌ଘାଟିତ

୧୨।୧୦ :(ମନ୍ଥନ) ଲୋଇସିଂହା ବ୍ଲକ ଅନ୍ତର୍ଗତ ଅଏଲାଁସାରୀସ୍ଥିତ ମାଁ ସାଉଁତେଶ୍ୱରୀ ମୂଳପୀଠଠାରେ ଗତକାଲି ମହାଳୟା ଅମାବାସ୍ୟା ତିଥିରେ ମାଁଙ୍କ ଛତର ଯାତ୍ରା ଅନୁଷ୍ଠିତ ହୋଇଥିଲା। ନୀତି ପରମ୍ପରା ଅନୁସାରେ ମାଁ ସାଉଁତେଶ୍ୱରୀ ଦେବୀ ବୁଢ଼ାରଜା ମନ୍ଦିରକୁ ଯାଇଥିଲେ। ମାଁ ବାଉତୀଙ୍କ ଛତ୍ର ଓ ବରୁଆ ଦେହରେ ବେଲ ଆସି ପହଞ୍ଚିଥିଲେ। ପୀଠାସୀନ ଭୈରବ ବୁଢ଼ାରଜା ନରିହା ବୁଢ଼ା, ଡଙ୍ଗରବୁଢ଼ା ତଥା ଅନ୍ୟାନ୍ୟ ଦେବାଦେବୀ ପୀଠରେ ପୂଜାର୍ଚ୍ଚନା ହେବା ପରେ ପରେ ଚେରେଙ୍ଗାବାହାଲି, କଦଳୀପାଲି, କୁମେରବାହାଲି, ନୂଆଁଡୁଙ୍ଗୁରିପାଲି ଓ ଅଏଲାଁସାରୀ ଗ୍ରାମକୁ ଯାଇ ମାଁ ସାଉଁତେଶ୍ୱରୀ ଦେବୀଙ୍କ ଛତର ପରିକ୍ରମା କରିଥିଲେ। ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଓ ଦୁଲଦୁଲି ବାଦ୍ୟର ପ୍ରତିଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠିଥିଲା। ଏହି ଦିନ ପ୍ରଥମ କରି ସାଉଁତେଶ୍ୱରୀ ମହୋତ୍ସବ ଉଦଘାଟିତ ହୋଇଥିଲା। ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଉକ୍ତ ମହୋତ୍ସବକୁ ମୁଖ୍ୟ ଅତିଥି ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଉଦ୍ ?ଘାଟନ କରି ନିଜ ବକ୍ତବ୍ୟରେ ମାଁଙ୍କ ମଣ୍ଡପ ଓ ଭବ୍ୟ ମନ୍ଦିରର ପୁନରୁଦ୍ଧାର ସକାଶେ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗ୍ରାମର ତିନି ଜଣ ଭୂମିହୀନଙ୍କୁ ଡି.୦.୦୪ ଡିସିମିଲ ଲେଖାଏଁ ପଟ୍ଟା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। ଶ୍ରୀ ମିଶ୍ର ଗ୍ରାମାଞ୍ଚଳରେ ଥିବା ଗ୍ରାମଦେବାଦେବୀଙ୍କ ପୀଠର ପୁନରୁଦ୍ଧାର ସକାଶେ ଗ୍ରାମବାସୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ପ୍ରତିବର୍ଷ ସରକାରୀ ସହାୟତାରେ କିପରି ମହୋତ୍ସବ ଆୟୋଜନ କରାଯାଇପାରିବ, ସେଥିପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରେଣ୍ୟ ଅତିଥି ତହସିଲଦାର ଅଶୋକ କୁମାର ମିଶ୍ର, ବିଶ୍ୱଜିତ କୁମାର ନାଥ, ସରପଞ୍ଚ ଶ୍ରୀମତୀ ମଦନା ବେହେରା, ସମିତି ସଭ୍ୟା ଶ୍ରୀମତୀ ସସ୍ମିତା ସାହୁ, ସଭାପତି ଲାଲମନ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଉମେଶ ପଧାନ ମଞ୍ଚାସୀନ ଥିଲେ। ସଂସ୍କୃତି ଗବେଷକ ଶ୍ରୀ ଉକାଲୁ ସା ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁମେରବାହାଲି, ବଲାଙ୍ଗୀର ଆଦର୍ଶପଡ଼ା, ଅଏଲାଁସାରୀ ଗ୍ରାମର ୫ଟି କୀର୍ତ୍ତନ୍ୟ ଦଳ ଓ ଲେଥିପାଲି ଏବଂ ଐଁଲାସାରୀ ସରକାରୀ ଉନ୍ନୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ନିଜର ପାରମ୍ପରିକ କଳା ପ୍ରଦର୍ଶନ କରିଥିଲେ। ଜୟମନ ବେହେରା, ରାଜେନ୍ଦ୍ର ସା, ପୂଜାକାର୍ଯ୍ୟ ତୁଲାଇଥିଲେ। ଗୁଣନିଧି ଚନ୍ଦନ, ଅନାଦି କାଲସାଏ, ପବିତ୍ର ସା, ବାବୁଲାଲ ବାଗ, ଶଙ୍କର ଚନ୍ଦନ, ପ୍ରମୋଦ ବେହେରା, ଢେକାଲୁ ସା, ସଦାନନ୍ଦ ଦୀପ, ଇନ୍ଦ୍ର ସା ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ଆସନ୍ତା ୧୯ ତାରିଖରେ ଏହି ମହୋତ୍ସବ ଉଦ୍‌ଯାପିତ ହେବ।

# ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣାଙ୍କ ମାତୃ ବିୟୋଗ

ଜଳେଶ୍ୱର,୧୨।୧୦ :(ମନ୍ଥନ) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ଗ୍ରାମର ସ୍ୱର୍ଗତ ହରିଶ ଚନ୍ଦ୍ର ରଣାଙ୍କ ଧର୍ମପତ୍ନୀ ସୁରମା ରଣା (୮୭)ଙ୍କ ଗତ ୧୦ ତାରିଖ ରାତ୍ରୀ ୧୧.୫୦ ମିନିଟ୍ ସମୟରେଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ହୋଇଯାଇଛି।ସେ ଦୀର୍ଘ ୧ ମାସ ଧରି ଅସୁସ୍ଥ ଅବସ୍ଥାରେ ହସ୍ପିଟାଲରେ ରହି ଚିକିତ୍ସିତ ହେଉଥିଲେ।ସେ ଜଣେ ଧର୍ମପରାୟଣ ମହିଳା ହିସାବରେ ନିଜ ଅଞ୍ଚଳରେ ସମସ୍ତଙ୍କ ବେଶ ପ୍ରିୟପାତ୍ର ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ସନ୍ତୋଷ କୁମାର ରଣା,ମଧ୍ୟମ ପୁତ୍ର ତଥା ବାରିପଦା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣା,କନିଷ୍ଠ ପୁତ୍ର ତଥା ପାରଳାଖେମୁଣ୍ଡି ଜିଲ୍ଲା ଜିରାଜଜଙ୍କ ଅଦାଲତର ରେଜିଷ୍ଟ୍ରାର ସତ୍ୟବ୍ରତ ରଣା ଓ ତିନି ପୁତ୍ର ବଧୂ ଆରତୀ,ଶୁଭଶ୍ରୀ, ପ୍ରିୟଦର୍ଶିନୀ ଓ ଏକମାତ୍ର କନ୍ୟା ସୁପର୍ଣ୍ଣା,ଜାମାତା ଦିବାକର ସମେତ ନାତି,ନାତୁଣୀ, ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ।ତାଙ୍କର ମୃତ୍ୟୁ ଖବର ପାଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି,ପୂର୍ବତନ ସି.ପି.ଏମ୍.ଜି ଡ.ସନ୍ତୋଷ କୁମାର କାମିଲା,ଅବସରପ୍ରାପ୍ତ ପ୍ରଫେସର ଡ.ମିତାଲି ଚିନାରା,ଜିଲ୍ଲା ଖାଉଟି ଅଦାଲତର ପୂର୍ବତନ ସଭାପତି ସୁକୁମାର ରଣା,ସମାଜସେବୀ ଆରତୀ ଦାସ,ମନ୍ତୋଷ କୁମାର କାମିଲା,ଅବସରପ୍ରାପ୍ତ କୃଷି ଅଧିକାରୀ ଅରୁଣ କୁମାର କାମିଲା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପାଇକସିଦା ଗ୍ରାମରେ ଶଶ୍ମାନରେ ଅନ୍ତିମ ସଂସ୍କାର କରାଯାଇଛି।ଜ୍ୟେଷ୍ଠ ପୁତ୍ର ସନ୍ତୋଷ ମୁଖାଗ୍ନୀ ଦେଇଥିଲେ।ତାଙ୍କର ମୃତ୍ୟୁରେ ପାଇକସିଦା ଓ ଚୋରମାରା ପଞ୍ଚାୟତରେ ଗଭୀର ଶୋକ ଖେଳି ଯାଇଛି।

# ଶ୍ୟାମସୁନ୍ଦର ପାଠାଗାରରେ କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚିତ

ଡେଲାଙ୍ଗ, ୧୨।୧୦ :(ମନ୍ଥନ) ଡ଼େଲାଙ୍ଗ ଷ୍ଟେସନ ବଜାର ସ୍ଥିତ ଶ୍ୟାମସୁନ୍ଦର ପାଠାଗାରରେ ପ୍ରତିଷ୍ଠାତା ଶିକ୍ଷାବିତ୍ କାଶିନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କବିତା ପାଠୋତ୍ସବ ଓ ଡେଲାଙ୍ଗ ବ୍ଲକ୍ ର ସାରସ୍ୱତ ସାଧକ ଫକିର ଚରଣ ପାଢୀ ପୁସ୍ତକ ଉନ୍‌ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ପାଠୀ ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ଜୀବନ ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଥିବ ବୋଲି କହିଥିଲେ। କବି ରୋହିତ କୁମାର ଚମ୍ପତି ଏଥିରେ ସଭାପତିତ୍ୱ କରି ଥିଲେ।ଏହି ସଭାରେ ଡ଼େଲାଙ୍ଗର 'ସାରସ୍ୱତ ସାଧକ ଫକିର ଚରଣ ପାଢୀ' ପୁସ୍ତକ ଉନ୍‌ମୋଚିତ ହୋଇଥିଲା



।ଏଥିରେ କବି ପ୍ରଭାତ କୁମାର ସେଠୀ, ନିରଞ୍ଜନ ମିଶ୍ର, ଡଃ ପ୍ରଭାସ କୁମାର ପ୍ରଧାନ,ଶ୍ରୀମନ୍ତ ନନ୍ଦ, ସରକାରୀ ଆଇନଜୀବୀ ପ୍ରକୃତି ବନ୍ଧୁ କବି ହୃଷିକେଶ ପାଢୀ,ଯୁବ ପ୍ରତିଭା ଜିତେନ୍ଦ୍ର ନାଥ ପ୍ରଧାନ, କବୟିତ୍ରୀ ସ୍ୱର୍ଣ୍ଣମୟୀ ନନ୍ଦ,ରଞ୍ଜନା ଜେନା ପ୍ରମୁଖ ଗୋପବନ୍ଧୁଙ୍କ ଜୀବନୀ କବିତା ଗାନ କରିଥିଲେ। ଶିକ୍ଷାବିତ୍ ଗୋପାଳ ମହାପାତ୍ର, କୈଳାସ ଚନ୍ଦ୍ର ରଥ, ପ୍ରସନ୍ନ ଷଡଙ୍ଗୀ, ପାଲା ଗାୟକ ସରୋଜ ପ୍ରଧାନ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଗଭୀର ଆଲୋକପାତ୍ କରିଥିଲେ। ସଭାରେ ବୁଦ୍ଧିଜୀବୀ ଜଗନ୍ନାଥ ଜେନା, ସଦାଶିବ ସ୍ୱାଇଁ ଉପସ୍ଥିତ ଥିଲେ। ସୁସାହିତ୍ୟିକ କାଶୀନାଥ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲାବେଳେ ବରିଷ୍ଠ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କାମରେ ଆସୁନି ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କୋଠା

ଖଣ୍ଡପଡା, ୧୨।୧୦ :(ମନ୍ଥନ) ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ହାତ ପାହାନ୍ତାରେ ସରକାରଉପଲବ୍ଧ କରୁଥିବା ବେଳେ ଖଣ୍ଡପଡା ବ୍ଲକ କୁମ୍ଭାରପଡାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।ଲକ୍ଷାଧିକ ଟଙ୍କା ବ୍ୟୟରେ ଦୁଇ ମହଲା କୋଠା ନିର୍ମାଣ ହୋଇଛି ସତ, କିନ୍ତୁ କାମରେ ଆସୁନାହିଁ।ମିଳିଥିବା ସୂଚନା ଅନୁଯାୟୀ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସୁଦୃଢ ନିମନ୍ତେ ନୂତନ ଗୃହମଞ୍ଜୁର ହୋଇଥିଲା। କୁମ୍ଭାରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ବର୍ଷ ?ରୁ ଉର୍ଦ୍ଧ୍ୱସମୟ ହେବ ନୂତନ ବିଲଡିଙ୍ଗ ନିର୍ମାଣ ସରିଥିବା ସେଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟଅଞ୍ଚଳବାସୀଙ୍କ ସୂଚନା ଅନୁଯାୟୀ ଗତ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସ୍ୱାସ୍ଥ୍ୟକେନ୍ଦ୍ରରନୂତନ ଗୃହ ନିର୍ମାଣ ଚାଲିଥିବା ବେଳେ କିଛିମାସ ତଳେ କାମ ଶେଷ ହୋଇଥିଲା। ଧୀର ମନ୍ଥର ଗତିରେକାମ କରିବା ଯୋଗୁଁ ଠିକା ସଂସ୍ଥା ଉପରେ ବ୍ୟାପକ ଜନ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଥିଲା। ଗତପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣ ସରିଥିବା ବେଳେଏବେ




କିନ୍ତୁ ଏହା ଭୁତକୋଠି ପାଲଟିବାକୁ ବସିଲାଣି। ପ୍ରକଳ୍ପ ନିର୍ମାଣରେ ପ୍ରାୟ ଦେଢକୋଟିରୁଉର୍ଦ୍ଧ୍ୱ ଅର୍ଥ ବ୍ୟୟ ହୋଇଥିବା ବେଳେ ନୂତନ ଗୃହ କିନ୍ତୁ ସ୍ଥାନୀୟ ଅଞ୍ଚଳର ପ୍ରସୂତି ଓଗର୍ଭବତୀଙ୍କ ଚିକିତ୍ସା ସେବାରେ ଲାଗିପାରୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୂତନ ଗୃହକୁ ଆଜିଯାଏଁ ବିଦ୍ୟୁତ କିମ୍ବା ପାନୀୟ ଜଳ ସୁବିଧା ଉପଲବ୍ଧ କରାଯାଇନଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରସମ୍ମୁଖ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରପରିସରରେ ଦୟନୀୟ ସ୍ଥିତିରେ କାମ କରୁଛନ୍ତି ଡାକ୍ତର ଏବଂ କର୍ମଚାରୀ। ପୁରୁଣାସ୍ୱାସ୍ଥ୍ୟକେନ୍ଦ୍ର ଗୃହଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ପାଣି ଗଳୁଥିବା ସୂଚନା ମିଳିଛି।ସେହିପରି ଗୃହ ଅଭାବରୁ ରୋଗୀ ମାନେ ଚିକିତ୍ସା ପାଇବାରେ ସମସ୍ୟା ଭୋଗୁଥିବା ଅଞ୍ଚଳ ବାସିନ୍ଦାକୁହନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୁମ୍ଭାରପଡା ସମେତ ବଳଭଦ୍ରପ୍ରସାଦ ଏବଂ କୋସକାପଞ୍ଚାୟତର ଏକାଧିକ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଏବେ ମୁହଁ ଫେରାଉଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ପଞ୍ଚାୟତ ସମିତି ବୈଠକରେପ୍ରସଙ୍ଗ ଉଠାଇଥିବା ବେଳେ ସ୍ଥିତି ସୁଧୁରିନି। ସମାନଭାବେ ସ୍ୱାସ୍ଥ୍ୟବିଭାଗ ପ୍ରତିକ୍ରିୟା ନେବାରେନୂତନ କୋଠାରେ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ହୋଇନଥିବା ଯୋଗୁଁ ଏହା କାର୍ଯ୍ୟକ୍ଷମହୋଇପାରୁନଥିବା ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟଜନସାଧାରଣ ଓ ସରପଞ୍ଚ ଶ୍ରୀ ପଣ୍ଡା ଦାବି କରିଛନ୍ତି।

# ମାଁ ସାଉନ୍ତେଶ୍ୱରୀ(ମୂଳପୀଠ)ମହୋତ୍ସବ,ଅଇଁଲାସାରୀ

ଅଇଁଲାସାରୀ,୧୨।୧୦ :(ମନ୍ଥନ) ) ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଅଇଁଲାସାରୀ ଗ୍ରାମ ପଞ୍ଚାୟତ ଅଇଁଲାସାରୀ ଠାରେ ଗତ ତା ୩/୧୦/୨୦୨୬ ରିଖ ପୂର୍ଣ୍ଣିମା ଦିନ ପର୍ଯ୍ୟନ୍ତ ଷୋଡ଼ଷ ଉପଚାର ପୂଜା ମାଁ ସାଉନ୍ତେଶ୍ୱରୀ ଡୁଙ୍ଗୁରୀ, ମାଁ ଙ୍କ ପୀଠ ରେ ମହା ଆଡ଼ମ୍ବର ରେ ଏବଂ ନୀତି କାନ୍ତି ଅନୁଯାୟୀ ସମ୍ପାଦିତ ହେଉଅଛି । ଅଦ୍ୟ ତା.୧୦/୧୦/୨୦୨୬ରିଖ ମହାଳୟ ଅମାବାସ୍ୟା ତିଥିରେ ମାଁ ଙ୍କର ଛତ୍ର ଯାତ୍ରା ଅନୁଷ୍ଠିତ ହୋଇଥିଲା। ନୀତି ପରମ୍ପରା ଅନୁସାରେ ମାଁ ସାଉନ୍ତେଶ୍ୱରୀ ଦେବୀ ବୁଢ଼ାରଜା ମନ୍ଦିର କୁ ଯାଇଥିଲେ। ମାଁ ବାଉତି ଙ୍କ ର ଛତ୍ର ଓ ବରୁଆ ଦେହ ରେ ବଏଆସି ପହଞ୍ଚି ଥିଲେ। ପିଠାସୀନ ଭୈରବ ବୁଢ଼ାରଜା, ନରିହା ବୁଢ଼ା, ଡଙ୍ଗର ବୁଢ଼ା ତଥା ଅନ୍ୟାନ୍ୟ ଦେବା ଦେବୀ ପୀଠ ରେ ପୂଜାର୍ଚ୍ଚନା ହୋଇଥିଲା। ପଞ୍ଚ ବାଦ୍ୟ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ପ୍ରତିଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା।

ଉକ୍ତ ମହୋତ୍ସବରେ ମାନ୍ୟବର ମାନନୀୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରୀ ଡ଼ଃ ଶ୍ରୀଯୁକ୍ତ ମୁକେଶ



ମହାଲିଙ୍ଗ ମହୋଦୟ ଉପସ୍ଥିତ ଥିଲେ। ମାଁ ଙ୍କ ର ମଣ୍ଡପ, ଭବ୍ୟ ମନ୍ଦିର ଉନ୍ନତି କରଣ ସକାଶେ ସହାୟତା ଘୋଷଣା କରିଥିଲେ। ଗ୍ରାମର ତିନି ଜଣ ଭୂମିହୀନ ମାନଙ୍କୁ ଏ.୦.୦୪ ଡେସିମିଲ ଲେଖାଏ ପଟ୍ଟା ବଣ୍ଟନ କରିଥିଲେ। ବଲାଙ୍ଗୀର ଜିଲ୍ଲା ଦେବାଳୟ ସୁରକ୍ଷା, ସଂସ୍କୃତି, ଐତିହ୍ୟ କମିଟୀ ସଭାପତି ଶ୍ରୀଯୁକ୍ତ ଜୟକୃଷ୍ଣ ମିଶ୍ର ମହୋଦୟ ମହୋତ୍ସବ କୁ ପ୍ରତିବର୍ଷ ବଳବଉର ରଖିବାକୁ ମନ୍ତ୍ରୀ ମହୋଦୟ ଙ୍କୁ ନିବେଦନ ରଖିଥିଲେ। ଅତିଥି ଭାବେ ନାଗ ମହୋଦୟ, ସରପଞ୍ଚ ଶ୍ରୀମତୀ ମଦନା ବେହେରା, ସମିତି ସଭ୍ୟା ଶ୍ରୀମତୀ ସସ୍ମିତା ସାହୁ, କମିଟି ସଭାପତି ଶ୍ରୀଯୁକ୍ତ ଲାଲମନ ବେହେରା , ସମ୍ପାଦକ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବିଶ୍ୱାଳ, ଶ୍ରୀଯୁକ୍ତ ଉମେଶ ପଧାନ ମଞ୍ଚ ରେ ମଞ୍ଚାସୀନ ରହି ନିଜ ନିଜ ଅଭିଭାଷଣ ରଖିଥିଲେ। ଶ୍ରୀଯୁକ୍ତ ଉକାଲୁ ସା ମଞ୍ଚ ପରିଚାଳନା କରିଥିଲେ। ନୀତି ଅନୁସାରେ ମାଁ ସାଉନ୍ତେଶ୍ୱରୀ ବରୁଆ ଦେହ ରେ ବଏଲ ଆସି ନିଜ ଗ୍ରାମ ପଞ୍ଚାୟତ ଅଞ୍ଚଳ ଚେରେଙ୍ଗାବାହାଲି ,କଦଳୀପାଲି, କୁଲେର-ବାହାଲି , ନୂଆଁ ଡୁଙ୍ଗୁରୀପାଲି ଏବଂ ଅଇଁଲାସାରୀ ଗ୍ରାମ ରେ ଘର ଘର ବୁଲି ଭକ୍ତ ମାନଙ୍କୁ ଦର୍ଶନ ଦେଇ ମନୋକାମନା ପରିପୂର୍ଣ୍ଣ କରିଥିଲେ।

# ସାହିତ୍ୟିକ ପ୍ରଦୀପ ମିଶ୍ରଙ୍କ ସହ ଭାବବିନିମୟ

ବଲାଙ୍ଗୀର,୧୨।୧୦ :(ମନ୍ଥନ) ସାହିତ୍ୟ ସର୍ବଦା ସମାଜର ଦର୍ପଣ।ଏହା ମଣିଷର ଅନୁଭୂତି, ସାମାଜିକ ବାସ୍ତବତା ଓ ଜୀବନର ବିଭିନ୍ନ ଦିଗକୁ ଶବ୍ଦରେ ରୂପ ଦେଇଥାଏ।ଲେଖକଙ୍କ ଜୀବନ, ସାହିତ୍ୟ ସାଧନା ଓ ସୃଜନଶୀଳ ଚିନ୍ତାଧାରାକୁ ନିକଟରୁ ଜାଣିବା ଉଦ୍ଦେଶ୍ୟରେ 'ଲେଖକଙ୍କ ସହ ଭାବ ବିନିମୟ' କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ପ୍ରଦୀପ ମିଶ୍ରଙ୍କ ସହ ଏକ ଆକର୍ଷଣୀୟ ଆଲୋଚନା ଓ ଭାବବିନିମୟ ଗାଳ୍ପିକଙ୍କ ବାସଭବନ 'ସପ୍ତପର୍ଣ୍ଣି' ଠାରେ ଅନୁଷ୍ଠିତ ହୋଇଥିଲା।ଏହି ସାକ୍ଷାତକାରରେ ପାଠକ ରଞ୍ଜିତ ମିଶ୍ରଙ୍କ ସମେତ ଶିକ୍ଷକ ଚୂଡ଼ାମଣି ସେଠ,ମହେଶ ମିଶ୍ର,ଦଧିବାବନ ବାଘ,ସବ୍ୟସାଚୀ ସାହୁ,ସୁବ୍ରତ ସାହୁ,ହରି ଖେତୀ ଓ ଉପଦେଷ୍ଟା ଲକ୍ଷ୍ମୀ ଖେତୀ ଲେଖକଙ୍କ ସହ ଆଲୋଚନା କରିଥିଲେ।ଲେଖକଙ୍କ ସାହିତ୍ୟିକ ଯାତ୍ରା,ଲେଖନୀର ପ୍ରେରଣା,ଗଳ୍ପ ରଚନାର ପୃଷ୍ଠଭୂମି ଓ ସାହିତ୍ୟ ସୃଷ୍ଟି ପଛରେ ରହିଥିବା ଅନୁଭୂତି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ



ଜାଣିବାର ସୁଯୋଗ ପାଇଥିଲେ।ଏହି ଅବସରରେ ଲେଖକ ପ୍ରଦୀପ ମିଶ୍ର ନିଜର ପ୍ରଥମ ଗଳ୍ପ 'ଯାହା ଯେମିତି ଘଟୁଥାଏ' ସମେତ ତାଙ୍କର ଅନ୍ୟାନ୍ୟ ଗଳ୍ପ 'ଟ୍ରାପ୍','ନାଭିନାଡ଼','ଅପାରମ୍ପରିକ' ଓ 'ମୋ ବାପାଙ୍କ ଛାମୁଦାନ୍ତ' ଆଦି ସମ୍ପର୍କରେ ଆଲୋଚନା କରିଥିଲେ।ଗଳ୍ପଗୁଡ଼ିକର ରଚନା ପଛରେ ଥିବା ଭାବନା,ଜୀବନର ଅନୁଭବ ଓ ସୃଜନଶୀଳ ଦୃଷ୍ଟିକୋଣ ସମ୍ପର୍କରେ ଲେଖକଙ୍କଠାରୁ ଶୁଣି ସଦସ୍ୟମାନେ ସାହିତ୍ୟର ଅନ୍ତରଙ୍ଗ ଦିଗକୁ ବୁଝିବାର ସୁଯୋଗ ପାଇଥିଲେ।ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ;ଏହା ସମାଜର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରିବା ସହ ମାନବୀୟ ମୂଲ୍ୟବୋଧ, ନୈତିକତା ଓ ସାମାଜିକ ଚେତନାର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଲେଖକଙ୍କ ଅନୁଭୂତି ଓ ସୃଜନ ପ୍ରକ୍ରିୟାକୁ ନିକଟରୁ ଜାଣିବା ଦ୍ୱାରା ପାଠକମାନେ ଗୋଟିଏ ସାହିତ୍ୟକୃତିର ଗଭୀରତା ଓ ତାହା ପଛରେ ଥିବା ଚିନ୍ତାଧାରାକୁ ଅଧିକ ଭଲଭାବେ ଅନୁଭବ କରିପାରନ୍ତି।ଏଭଳି ସାକ୍ଷାତକାର କାର୍ଯ୍ୟକ୍ରମ ଲେଖକ ଓ ପାଠକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ସାହିତ୍ୟ ଚର୍ଚ୍ଚାକୁ ଅଧିକ ଜୀବନ୍ତ କରିଥାଏ ବୋଲି ଲେଖକ ପ୍ରଦୀପ ମିଶ୍ର ଙ୍କ ଧର୍ମପତ୍ନୀ ତଥା ଲୋଇସିଂହା ଡିଗ୍ରୀ କଲେଜ ର ଶିକ୍ଷା ବିଭାଗ ର ଅଧ୍ୟାପିକା ଶାନ୍ତି ପ୍ରିୟା ହୋତା ମତବ୍ୟକ୍ତ କରିଥିଲେ।ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପଠନ,ଗଳ୍ପ ଲେଖନ ଓ ସୃଜନଶୀଳ ଚିନ୍ତାଧାରା ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଏପରି ପ୍ରୟାସ ନିଶ୍ଚିତ ଭାବେ ପ୍ରେରଣାଦାୟକ ହେବ ବୋଲି ଗାଳ୍ପିକ ପ୍ରଦୀପ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ।

ମଙ୍ଗଳବାର ୧୩ ଅକ୍ଟୋବର, ୨୦୨୬, ଭୁବନେଶ୍ୱର
Tuesday October 13, 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନିର୍ବାଚନ ଆୟୋଗଙ୍କୁ ଘେରିବାର ରାଜନୀତି

ଭାରତୀୟ ଗଣତନ୍ତ୍ରର ଶକ୍ତି କେବଳ ନିର୍ବାଚନ ନୁହେଁ, ବରଂ ନିର୍ବାଚନକୁ ପରିଚାଳନା କରୁଥିବା ସାମ୍ବିଧାନିକ ସଂସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସରେ ନିହିତ। ନିର୍ବାଚନ ହେଉଛି ଜନମତର ପ୍ରକୃତ ପ୍ରତିଫଳନ, ଆଉ ନିର୍ବାଚନ ଆୟୋଗ ହେଉଛନ୍ତି ସେହି ଜନମତକୁ ନିରପେକ୍ଷ ଭାବେ ମତଦାନରୁ ଫଳାଫଳ ପର୍ଯ୍ୟନ୍ତ ପହଂଚାଇବାର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂସ୍ଥା। ତେଣୁ ଏହି ସଂସ୍ଥାର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିବା ଅସ୍ୱାଭାବିକ ନୁହେଁ, କିନ୍ତୁ ପ୍ରଶ୍ନ ଉଠାଇବା ଓ ପ୍ରମାଣିତ ନହୋଇଥିବା ଅଭିଯୋଗକୁ ଚୂଡ଼ାନ୍ତ ସତ୍ୟ ଭାବେ ଘୋଷଣା କରିବା ମଧ୍ୟରେ ଏକ ବଡ ପାର୍ଥକ୍ୟ ରହିଛି। ଆଜି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ କେନ୍ଦ୍ର କରି ଯେଉଁ ରାଜନୈତିକ ବିବାଦ, ଆନ୍ଦୋଳନ ଓ ଆରୋପ-ପ୍ରତ୍ୟାରୋପର ପରିବେଶ ସୃଷ୍ଟି ହୋଇଛି, ସେଥିରେ ଦେଶର ପ୍ରତ୍ୟେକ ସଚେତନ ନାଗରିକ ନିଜକୁ ଗୋଟିଏ ପ୍ରଶ୍ନ ପଚାରିବା ଉଚିତ - ଆମେ କ'ଣ ନିର୍ବାଚନ ଆୟୋଗର ପ୍ରକୃତ ତ୍ରୁଟି ସଂଶୋଧନ କରିବାକୁ ଚାହୁଁଛୁ, ନା ରାଜନୈତିକ ଅସନ୍ତୋଷର ଚାପରେ ଏକ ସାମ୍ବିଧାନିକ ସଂସ୍ଥାର ବିଶ୍ୱସନୀୟତାକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛୁ ? ଏହି ପ୍ରଶ୍ନର ଉତର ଭାରତର ଗଣତାନ୍ତ୍ରୀକ ଭବିଷ୍ୟତ ସହ ଜଡିତ। ସମ୍ପ୍ରତି ଗଣମାଧ୍ୟମରେ ନିର୍ବାଚନ ଆୟୋଗର କିଛି ସଦସ୍ୟଙ୍କ ମଧ୍ୟରେ ମତଭେଦ ଥିବା ନେଇ ଖବର ପ୍ରକାଶ ପାଇଛି। ଏହି ଖବରକୁ ଅଣଦେଖା କରିବା ଯେପରି ଉଚିତ ନୁହେଁ, ସେହିପରି ଖବରରେ ଉଲ୍ଲେଖିତ ପ୍ରତ୍ୟେକ ଦାବିକୁ ଯାଂଚ ବିନା ଅପରାଧର ପ୍ରମାଣ ବୋଲି ଗ୍ରହଣ କରିବା ମଧ୍ୟ ଉଚିତ ନୁହେଁ। ଇଣ୍ଡିଆନ ଏକ୍ସପ୍ରେସ'ର ଅନୁସନ୍ଧାନମୂଳକ ଖବରରେ ଦୁଇ ନିର୍ବାଚନ ଆୟୁକ୍ତ ପକ୍ଷରୁ ବିଭିନ୍ନ ନିଷ୍ପତି ସମ୍ପର୍କରେ ଆପତି ଉଠାଯାଇଥିବା କଥା ପ୍ରକାଶ ପାଇଛି। ଏହାର ଉତରରେ ନିର୍ବାଚନ ଆୟୋଗ ଏହି ଟିପ୍ପଣୀଗୁଡିକୁ ନିଷ୍ପତି ଗ୍ରହଣ ପ୍ରକ୍ରିୟାର ଅଂଶ ବୋଲି କହିବା ସହ ଗତ ଏକ ବର୍ଷର ନିଷ୍ପତିଗୁଡିକ ସର୍ବସମ୍ମତିରେ ହୋଇଥିବା ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଉଠିଥିବା ସମସ୍ତ ପ୍ରଶ୍ନର ସ୍ୱଚ୍ଛ ଉତର ଦିଆଯିବା ଦରକାର, କିନ୍ତୁ କୌଣସି ଆଭ୍ୟନ୍ତରୀଣ ମତଭେଦ ଥିବା ମାତ୍ରକେ ନିର୍ବାଚନ ଚୋରି ହୋଇଛି, ଭୋଟର ତାଲିକା ଜାଣିଶୁଣି ବଦଳାଯାଇଛି କିମ୍ବା ମୁଖ୍ୟ ନିର୍ବାଚନ ଆୟୁକ୍ତ ଦୋଷୀ - ଏପରି ନିଷ୍କର୍ଷରେ ପହଂଚିଯିବା ତର୍କସଙ୍ଗତ ନୁହେଁ। ମତଭେଦ ଏକ ପ୍ରଶାସନିକ କିମ୍ବା ନୀତିଗତ ପ୍ରଶ୍ନ ହୋଇପାରେ, ଅପରାଧର ଅଭିଯୋଗ ପାଇଁ ତଥ୍ୟ, ଦଲିଲ, ପ୍ରକ୍ରିୟାଗତ ଉଲ୍ଲଂଘନ ଓ ଦାୟିତ୍ୱର ନିର୍ଦ୍ଦିଷ୍ଟ ପ୍ରମାଣ ଆବଶ୍ୟକ। ଏହି ମୌଳିକ ପାର୍ଥକ୍ୟକୁ ଭୁଲିଗଲେ ଆମେ ନ୍ୟାୟ ଖୋଜିବା ପରିବର୍ତେ ପୂର୍ବନିର୍ଦ୍ଧାରିତ ରାୟ ଶୁଣାଇବାର ପ୍ରବୃତିକୁ ପ୍ରୋତ୍ସାହିତ କରିବା। ଭାରତୀୟ ସମ୍ବିଧାନର ୩୨୪ ଅନୁଚ୍ଛେଦ ନିର୍ବାଚନ ପରିଚାଳନା, ନିର୍ଦ୍ଦେଶନା ଓ ନିୟନ୍ତ୍ରଣର ଦାୟିତ୍ୱ ନିର୍ବାଚନ ଆୟୋଗକୁ ପ୍ରଦାନ କରିଛି। ଏହି ଅଧିକାର କୌଣସି ବ୍ୟକ୍ତିଗତ ସୁବିଧା ନୁହେଁ, ଏହା ଜନସାଧାରଣଙ୍କ ଭୋଟାଧିକାରର ସୁରକ୍ଷା ପାଇଁ ଏକ ସାମ୍ବିଧାନିକ ବ୍ୟବସ୍ଥା। ତେଣୁ ଆୟୋଗର ଦାୟିତ୍ୱ ହେଉଛି ନିରପେକ୍ଷ ରହିବା, ନିୟମ ଅନୁଯାୟୀ କାମ କରିବା ଓ ଜନସାଧାରଣଙ୍କ ସନ୍ଦେହ ଦୂର କରିବା। ଅନ୍ୟପକ୍ଷରେ ରାଜନୈତିକ ଦଳମାନଙ୍କର ଦାୟିତ୍ୱ ହେଉଛି ନିଜ ଅଭିଯୋଗକୁ ଦଲିଲ ଓ ତଥ୍ୟ ଆଧାରରେ ଉପସ୍ଥାପନ କରିବା। ଗଣମାଧ୍ୟମର ଦାୟିତ୍ୱ ହେଉଛି ତଥ୍ୟ ଯାଂଚ କରିବା, ସମସ୍ତ ପକ୍ଷର ମତ ନେବା ଓ ଖବର ଓ ମତାମତ ମଧ୍ୟରେ ସ୍ପଷ୍ଟ ସୀମା ରଖିବା। ଏହି ତିନୋଟି ଦାୟିତ୍ୱରୁ ଯେକୌଣସି ଗୋଟିଏ ଅବହେଳିତ ହେଲେ ଗଣତନ୍ତ୍ର ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଜ୍ଞାନେଶ କୁମାରଙ୍କୁ ନେଇ ଚାଲିଥିବା ବିବାଦରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ। ଭୋଟର ତାଲିକାରେ ମୃତ ବ୍ୟକ୍ତିଙ୍କ ନାମ, ସ୍ଥାନାନ୍ତରିତ ଲୋକଙ୍କ ପୁରୁଣା ଠିକଣା, ଏକାଧିକ ନାମ କିମ୍ବା ଅନ୍ୟାନ୍ୟ ତ୍ରୁଟି ରହିବା ନିର୍ବାଚନ ପ୍ରକ୍ରିୟା ପାଇଁ ସମସ୍ୟା ସୃଷ୍ଟି କରେ। ତେଣୁ ତାଲିକାକୁ ଶୁଦ୍ଧ ଓ ଅଦ୍ୟତନ ରଖିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ସେହି ସଂଶୋଧନ ଏପରି ଭାବେ ହେବା ଉଚିତ, ଯେପରି କୌଣସି ଯୋଗ୍ୟ ନାଗରିକ ନିଜର ଭୋଟାଧିକାରକୁ ବଂଚିତ ନହୁଅନ୍ତୁ। ଏହି ଦୁଇଟି ଲକ୍ଷ୍ୟ ପରସ୍ପର ବିରୋଧୀ ନୁହେଁ, ବରଂ ଗୋଟିଏ ନିର୍ଭରଯୋଗ୍ୟ ନିର୍ବାଚନ ବ୍ୟବସ୍ଥାର ଦୁଇଟି ଅବିଚ୍ଛେଦ୍ୟ ଅଂଶ। ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲରେ ବାଦ ପଡ଼ିଛି, ତାହାର ଅଭିଯୋଗକୁ ଗୁରୁତ୍ୱର ସହ ଶୁଣିବା ଓ ଆବଶ୍ୟକ ସଂଶୋଧନ କରିବା ଆୟୋଗର କର୍ତବ୍ୟ। ଯଦି କୌଣସି ଅଯୋଗ୍ୟ ନାମ ତାଲିକାରେ ରହିଛି, ତାହାକୁ ନିୟମାନୁସାରେ ଯାଂଚ କରିବା ମଧ୍ୟ ଆବଶ୍ୟକ। ଏହି କାର୍ଯ୍ୟରେ ପାରଦର୍ଶିତା, ଯୁକ୍ତିସଙ୍ଗତ ସମୟସୀମା, ନୋଟିସ୍, ଅଭିଯୋଗ ଦାଖଲର ସୁବିଧା ଓ ଅପିଲର ଅଧିକାର ସୁନିଶ୍ଚିତ ହେବା ଦରକାର। ଏପରି ମାନଦଣ୍ଡ ଆଧାରରେ ଆୟୋଗକୁ ପ୍ରଶ୍ନ କରିବା ଗଣତନ୍ତ୍ରର ସୁରକ୍ଷା, କିନ୍ତୁ ଏକ ପ୍ରଶାସନିକ ଅଭ୍ୟାସକୁ ନେଇ ସନ୍ଦେହ ଉଠିବା ମାତ୍ରକେ ତାହାକୁ ଭୋଟ ଚୋରିର ପ୍ରମାଣ ଭାବେ ଘୋଷଣା କରିବା ଗଣତାନ୍ତ୍ରୀକ ବିଚାରର ପରିପକ୍ୱତା ନୁହେଁ। ଅଭିଯୋଗ ଯେତେ ଗମ୍ଭୀର, ପ୍ରମାଣର ମାନଦଣ୍ଡ ମଧ୍ୟ ସେତେ ଦୃଢ ହେବା ଦରକାର। ଏହି ପରିପ୍ରେକ୍ଷୀରେ ଅକ୍ଟୋବର ୮ ତାରିଖରେ ପ୍ରକାଶିତ ଏକ ଖୋଲା ଚିଠି ବିଶେଷ ଧ୍ୟାନ ଆକର୍ଷଣ କରିଛି। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୪୨ଜଣ ପୂର୍ବତନ ବିଚାରପତି ନିର୍ବାଚନ ଆୟୋଗ ଓ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବା ଉଦ୍ୟମ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ବାଚନ ଚୋରି ଭଳି ଅଭିଯୋଗ ପ୍ରମାଣ ବିନା ଉଠାଯିବା ଦ୍ୱାରା ଜନସାଧାରଣଙ୍କ ବିଶ୍ୱାସ କ୍ଷତିଗ୍ରସ୍ତ ହୋଇପାରେ ବୋଲି ସେମାନେ ସତର୍କ କରାଇଛନ୍ତି। ଏହି ଚିଠିର ଗୁରୁତ୍ୱ କୌଣସି ବ୍ୟକ୍ତି ବିଶେଷଙ୍କ ପ୍ରତି ଅନ୍ଧ ସମର୍ଥନରେ ନୁହେଁ, ବରଂ ନ୍ୟାୟ, ପ୍ରମାଣ ଓ ସାମ୍ବିଧାନିକ ସଂସ୍ଥା ପ୍ରତି ଦାୟିତ୍ୱପୂର୍ଣ୍ଣ ଆଚରଣର ଆବଶ୍ୟକତାରେ ରହିଛି। ପୂର୍ବତନ ବିଚାରପତି ମଧ୍ୟ ଆଇନର ଚୂଡ଼ାନ୍ତ ରାୟ ନୁହେଁ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ହସ୍ତକ୍ଷେପ। ସେହିପରି ନିର୍ବାଚନ ଆୟୋଗଙ୍କ ପକ୍ଷରେ କୌଣସି ପୂର୍ବତନ ଅଧିକାରୀ ମତ ଦେଲେ ମାତ୍ରକେ ଆୟୋଗର ପ୍ରତ୍ୟେକ ନିଷ୍ପତି ନିର୍ଦ୍ଦୋଷ ପ୍ରମାଣିତ ହୁଏ ନାହିଁ। ନ୍ୟାୟର ମୂଳ ନୀତି ହେଉଛି - ସମର୍ଥନ ଓ ବିରୋଧ ଉଭୟକୁ ତଥ୍ୟର ଆଲୋକରେ ବିଚାର କରାଯିବା ଉଚିତ। ଅନ୍ୟପକ୍ଷରେ ଯେଉଁମାନେ ଆୟୋଗକୁ ନିରନ୍ତର ଆକ୍ରମଣ କରୁଛନ୍ତି, ସେମାନଙ୍କୁ ମଧ୍ୟ ନିଜ ଅଭିଯୋଗର ଆଧାର ସ୍ପଷ୍ଟ କରିବାକୁ ହେବ। କେଉଁ ନିଷ୍ପତି ବେଆଇନ, କେଉଁ ଭୋଟରଙ୍କ ନାମ ଅନ୍ୟାୟ ଭାବେ ବାଦ ପଡିଛି, କେଉଁ ପ୍ରକ୍ରିୟାରେ ଅନିୟମିତତା ହୋଇଛି, ତାହାର ପ୍ରମାଣ କ'ଣ ଏବଂ ଏହାର ପ୍ରତିକାର ପାଇଁ କେଉଁ ଆଇନଗତ ପଦକ୍ଷେପ ନିଆଯାଇଛି - ଏହି ପ୍ରଶ୍ନଗୁଡିକର ଉତର ଜନସାଧାରଣ ଜାଣିବା ଦରକାର। କେବଳ ଉତେଜନାପୂର୍ଣ୍ଣ ସ୍ଲୋଗାନ, ରାଜନୈତିକ ଭାଷଣ କିମ୍ବା ଆନ୍ଦୋଳନର ତୀବ୍ରତା ଅଭିଯୋଗର ସତ୍ୟତା ନିର୍ଣ୍ଣୟ କରିପାରିବ ନାହିଁ। ରାସ୍ତାରେ ଆନ୍ଦୋଳନ କରିବା ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାର ହୋଇପାରେ, କିନ୍ତୁ ଆନ୍ଦୋଳନର ଚାପରେ କୌଣସି ସାମ୍ବିଧାନିକ ପଦାଧିକାରୀଙ୍କୁ ଦୋଷୀ ଘୋଷଣା କରିଦେବା ନ୍ୟାୟସଂଗତ ନୁହେଁ। ଅଭିଯୋଗର ତଦନ୍ତ ହେଉ, ଉତର ଦିଆଯାଉ, ଆବଶ୍ୟକ ହେଲେ ନ୍ୟାୟାଳୟ ହସ୍ତକ୍ଷେପ କରନ୍ତୁ, କିନ୍ତୁ ପ୍ରମାଣ ପୂର୍ବରୁ ରାୟ ଦେବାର ମନୋଭାବକୁ ଗଣତାନ୍ତ୍ରିକ ନ୍ୟାୟର ବିକଳ୍ପ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଏହି ବିବାଦରେ 'କକରୋଚ୍ ଜନତା ପାର୍ଟି' ନାମକ ସଂଗଠନ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଦାବି କରିବା ସହ ଆନ୍ଦୋଳନ ତୀବ୍ର କରିବାର ଚେତାବନୀ ଦେଇଛି ବୋଲି ଖବର ପ୍ରକାଶ ପାଇଛି। କୌଣସି ସଂଗଠନର ରାଜନୈତିକ ଆଭିମୁଖ୍ୟକୁ ଆଧାର କରି ତାହାର ପ୍ରତ୍ୟେକ ଅଭିଯୋଗକୁ ଭୁଲ ବୋଲି କହିବା ଯେପରି ଅନୁଚିତ, ସେହିପରି ତାହାର ଦାବିକୁ ଯାଂଚ ବିନା ସତ୍ୟ ବୋଲି ଗ୍ରହଣ କରିବା ମଧ୍ୟ ଅନୁଚିତ। ଗଣତନ୍ତ୍ରରେ ସଂଗଠନ ଓ ରାଜନୈତିକ ଦଳମାନଙ୍କୁ ସରକାର ଏବଂ ସାମ୍ବିଧାନିକ ସଂସ୍ଥାକୁ ପ୍ରଶ୍ନ କରିବାର ଅଧିକାର ରହିଛି। କିନ୍ତୁ ପ୍ରଶ୍ନର ଉଦ୍ଦେଶ୍ୟ ସମାଧାନ ହେବା ଉଚିତ, କେବଳ ଅସ୍ଥିରତା ସୃଷ୍ଟି କରିବା ନୁହେଁ।

# ଗିରଫଦାରୀ ରେ ଅଧିକାରର ହନନ ନ ହେଉ

ଗୋପାଳ ମହାପାତ୍ର

ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସୁପ୍ରମ୍‌କୋର୍ଟ ଏକସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ମାନ୍ୟବର କୋର୍ଟ ପୋଲିସପ୍ରଶାସନ କୁ ଏ ପ୍ରସଙ୍ଗରେ ମଧ ଚେତାଇ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱଳଭୂୟାଂ ଏବଂ ବିଚାରପତି ଅତୁଲ ଏସ୍ ଚନ୍ଦରକର ଙ୍କ ପୀଠ ଜସକରଣ ଜିତ ସିଂହ ବନାମ ପଞ୍ଜାବ ରାଜ୍ୟ ସରକାର ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଛେଦ ୨୨(୧) ଅନୁସାରେ ଯଦି ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ଲିଖିତଭାବେ ଉପଲବ୍ଧ କରାଯାଏନାହିଁ ତେବେ ଏହି ଗିରଫଦାରୀ ଅବୈଧ ଏବଂ ଅଣସାମ୍ବିଧାନୀକ ଅଟେ। ଏପରିକି ଏଭଳି ନିର୍ଦ୍ଦେଶର ଉଲଂଘନ ଗିରଫ ହୋଇଥିବା ବ୍ୟକ୍ତିର ତୁରନ୍ତ ଖଲାସହେବାର କାରଣ ହୋଇଥାଏ। ଏହାର ସିଧାସଳଖ ଅର୍ଥ ହେଉଛି ଅଭିଯୁକ୍ତ କୁ ଗିରଫ କରିବା ପୂର୍ବରୁ ପୋଲିସ ସଂପୃକ୍ତ ଅଭିଯୁକ୍ତ କୁ ଲିଖିତ ଭାବେ ଗିରଫ କରାଯିବାର କାରଣ ଉପଲବ୍ଧ କରାଇବେ। ଅନ୍ୟଥା ଏହା ଅଣ ସାମ୍ବିଧାନିକ ଅଟେ। ମାନ୍ୟବର କୋର୍ଟ ଏକଥା ମଧ କହିଛନ୍ତି ଯେ ଲିଖିତ ଭାବେ କାରଣ ଉପଲବ୍ଧ ନ କରାଇ ଗିରଫ କରାଗଲେ ଗିରଫ କରିଥିବା ପୋଲିସ ଅଧିକାରୀ ଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ମାନ୍ୟବର କୋର୍ଟଙ୍କ ପୀଠ ସମ୍ବିଧାନର ଅନୁଛେଦ୨୨(୨)ର କଥା ଉଲ୍ଲେଖି କରି କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିକୁ ୨୪ ଘ□। ମଧରେ ନିକଟତମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ସାମନରେ ହାଜର କରାଯିବା ଆବଶ୍ୟକ ଏବଂ ଏହା ଅଭିଯୁକ୍ତର ଅଧିକର ଅଟେ ।

ଅନେକେ ଏକଥା ଜାଣିନଥିବେ,ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ସମୟରେ ଭାରତୀୟ ସମ୍ବିଧାନର ସଂରକ୍ଷକ ଭୂମିକା ନିର୍ବାହ କରୁଛନ୍ତି। ଅନେକ ମାମଲାରେ ସାଧାରଣ ନାଗରିକଙ୍କର ମୂଳ ଅଧିକାର ର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ମଧ ଶୁଣାଉଛନ୍ତି। ସେହିଭଳି ନିକଟରେ ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକଐତିହାସିକ ରାୟ ଶୁଣାଇଛନ୍ତି। ଜସକରଣ ଜିତ ସିଂହ ଙ୍କୁ ପସ୍କୋଆଇନ୍ ୨୦୧୨ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁସାରେ ଗିରଫ କରାଯାଇଥିଲା।ଯେତେବେଳେ ପୋଲିସ ଜସକରଣ ଜିତ ସିଂହଙ୍କୁ ମାଜିଷ୍ଟ୍ରୋଟ ଙ୍କ ସମ୍ମୁଖରେ ହାଜର କରାଇଲେ ସେତେବେଳେ ମିହିର ଶାହା ବନାମ ମହାରାଷ୍ଟ୍ର ରାଜ୍ୟସରକାର (୨୦୨୫) ର ନିର୍ଣ୍ଣୟ ଅନୁସାରେ ମାଜିଷ୍ଟ୍ରେଟ ଜସକରଣ ଙ୍କ ଗିରଫ ଅବୈଧ କହି ତାଙ୍କୁ ତୁରନ୍ତ ଖଲାସ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଦ

ମାଜିଷ୍ଟ୍ରେଟ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଥିଲେ ଯେ ପୋଲିସ ଜସକରଣ ସିଂହଙ୍କୁ ଗିରଫ କଲାବେଳେ ଲିଖିତ ଭାବେ ଗିରଫର କାରଣ ଦର୍ଶାଇ ନଥିଲେ। ଏହି ମାମଲାପୁଣି ପହ□ିଲା ପଞ୍ଜାବ-ହରିୟାଣା ହାଇର୍କୋଟ ରେ। ପଞ୍ଜାବ-ହରିୟାଣା ହାଇର୍କୋଟ ତଳ ର୍କୋଟଙ୍କ ଆଦେଶ ଉପରେ ପ୍ରତିବନ୍ଧ ଲଗାଇଦେଲେ, ଫଳରେ ଜସକରଣ ସିଂହ ମାନ୍ୟବର ସୁପ୍ରିମ୍‌ର୍କୋଟ ଙ୍କ ଦ୍ୱାରସ୍ଥ ହେଲେ। ମାନ୍ୟବର ସୁପ୍ରିମ୍‌କୋର୍ଟ ବା ଦେଶର ସର୍ବୋଚ୍ଚନ୍ୟାୟାଳୟ ମାମଲାର ବିଚାର କରି କହିଥିଲେ ଯେ ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ସରଳ ଭାଷାରେ ଲିଖିତ ଭାବେ ଦେବା ବାଧ୍ୟତାମୂଳକ। ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏହି ଅଧିକାରର ହନନ କୁ ବରଦାସ୍ତ କରା ଯାଇପାରିବ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନିଷ୍ପ□ ଅନୁସାରେ ଗିରଫ କରାନଯିବାର କାରଣ ନଜଣାଇବା କାରଣରୁ ଯଦି ଅଭିଯୁକ୍ତ ଖଲାସ ହୋଇଯାଏ ଏବଂ ତାହା ପରେ ଯଦି ତଦନ୍ତକରୀ ସଂସ୍ଥା ଅଭିଯୁକ୍ତ ଙ୍କୁ ହାଜତ କୁ ନେଇ ପଚରା ଉଚୁରା କରିବାରୁ ଚାହାଁନ୍ତି ତେବେ ଗିରଫ କରାଯିବାର ଆଧାର ଲିଖିତ ଭାବେ ଅଭିଯୁକ୍ତକୁ ଜଣାଇବାକୁ ପଡ଼ିବ। ଏହାପରେ ଅଭିଯୁକ୍ତ ଙ୍କୁ ହାଜତକୁ ନେବା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ। ଆବେଦନରେ ପୁନଃ ଗିରଫଦାରୀର ଆବଶ୍ୟକତା ଏବଂ ପୁର୍ବର ଗିରଫଦାରୀ ବେଳେ ଗିରଫ କରାଯିବାର ଆଧାର ନ ଜଣାଇବାର କାରଣ ମଧ ଦର୍ଶାଇବାକୁ ପଡ଼ିବ । ଏଭଳି ଆବେଦନ ପାଇଁ ପୋଲିସ ଅଧିକାରୀଙ୍କୁ ବରିଷ୍ଠ ଅଧିକାରୀଙ୍କ ଅନୁମାଦନ ମଧ ଆବଶ୍ୟକ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଛେଦ ୨୨(୧) ରେ ସମସ୍ତଙ୍କୁ ଗିରଫଦାରୀ ସମ୍ବନ୍ଧିତ ମୌଳିକ ଅଧିକାର ଦେଇଛି। ଅନୁଛେଦ ୨୨(୧) ଅନୁସାରେ ଅଭିଯୁକ୍ତ ତାଙ୍କ ପସନ୍ଦର ଓକିଲଙ୍କ ସହ ପରାମର୍ଶ କରିପାରିବେ ଏବଂ ଆଇନଗତ ଭାବେ ତାଙ୍କର ପ୍ରତିନିଧି କରିପାରିବେ । ସରଳ ଶବ୍ଦରେ କହିବାକୁ ଗଲେ ଅନୁଛେଦ ୨୨(୧) ବେଆଇନ୍ ଭାବେ ଗିରଫ କରାଯିବା ବିରୁଦ୍ଧରେ ଏକ ଅସ୍ତ୍ର ଅଟେ, କିନ୍ତୁ କେତେକ ବିଶେଷ କାରଣରେ ଏହି ଅଧିକାର ଉପରେ ପ୍ରତିବନ୍ଧ ଲଗାଯାଇପାରେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପୋଲିସ କୁ ଉ□ରଦାୟୀ କରିବା ଏବଂ ନାଗରିକଙ୍କ ପାଇଁ ଆଇନ୍ ସୁରକ୍ଷାର ସନ୍ଦେଶ ଦେଇଛି। ଗିରଫଦାରୀର ଆଧାର ଜଣାଇବା, ଠିକ୍ ସମୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ଏବଂ ଆଇନ୍‌ଗତ ସହାୟତାର ସୁଯୋଗଦେବା ନ୍ୟାୟପୁର୍ଣ୍ଣ ପ୍ରକ୍ରିୟା ପାଇଁ ଜରୁରୀ। ଆଇନ୍‌ର ପାଳନ ଉଭୟ ପକ୍ଷଙ୍କ ପାଇଁ ସମାନ ରୂପରେ ମଧ ଜରୁରୀ। ପୋଲିସର ଗିରଫଦାରୀ ବ୍ୟକ୍ତିର ସ୍ୱତନ୍ତ୍ରତା କୁ ସିଧାସଳଖ ପ୍ରଭାବିତ କରିଥାଏ। ଏଣୁ ଆଇନରେ ଏଥିପାଇଁ ସ୍ପଷ୍ଟ ସୁରକ୍ଷା ପ୍ରାବଧାନ ରହିଛି। ମାନ୍ୟବର କୋର୍ଟ ତାଙ୍କ ରାୟରେସ୍ପଷ୍ଟ କରିଦେଇଛନ୍ତି ଓ ଏପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।ଏହି ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ବାଧ୍ୟତାକୁ ରେଖାଙ୍କିତ କରିଛନ୍ତି।ଏହି ନିର୍ଦ୍ଦେଶ ସାଧାରଣ ଲୋକଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମଳିଥିବା ଅଧିକାର ଏବଂ ପୋଲିସର ଉ□ରଦାୟୀତ୍ୱ କୁ ବୁଝିବାଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।

ରାମଚନ୍ଦ୍ରପୁର,ଗଣପୁର
ମୋ-୯୪୩୮୪୮୫୦୯୪

# ପତି ପରମେଶ୍ୱର

ପଙ୍କଜ କୁମାର ପାଣିଗ୍ରାହୀ

ଚତୁରଙ୍କ ବିଶ୍ଳେଷଣ, ଦାର୍ଶନିକ ମର୍ମ ମଧ୍ୟରେ ପାଥର୍କ୍ୟ କ'ଣ ?

ଇଂରେଜ ଶାସନ କାଳରେ ଭାରତୀୟ ଦର୍ଶନ / ଧର୍ମ ଶାସ୍ତ୍ର ଗୁଡିକୁ ଯେତିକି ବିକୃତ କରାଯାଇଥିଲା ତା' ବିଷୟରେ ସାଧାରଣ ଲୋକଙ୍କ ଜ୍ଞାନ କେତେ ରହିଥିବ ଅଜ୍ଞାତ । ପରବର୍ତୀ ସମୟରେ (ଅଜ୍ଞାନ) ଚତୁର ଆମ ବିଶେଷ ଦାର୍ଶନିକ ତତ୍ୱ ଗୁଡିକୁ ଯେଉଁଭଳି ବିଶ୍ଳେଷଣ କରି ବ୍ୟବହାର କରିବାକୁ ଲାଗିଲେ ତା' ଉପରେ ମଧ୍ୟ ସାଧାରଣ ନିର୍ବୋଧଙ୍କ ଅବଧାରଣା କ'ଣ ରହିଥିବ ଦେଖିବା କଥା। ବର୍ତ୍ତମାନର ବିଶ୍ୱସ୍ତରୀୟ ଶାସ୍ତ୍ରଜ୍ଞଙ୍କ ବିଶ୍ଳେଷିତ ପ୍ରବଚନ ନା ପ୍ରବଂଚନା- ବୁଝି ଗ୍ରହଣ କରାଯିବା ଆବଶ୍ୟକତାକୁ ଅନୁଭବ କରୁଛନ୍ତି କେତେ ଜଣ ?! ସମୀକ୍ଷା କରିବା ଶୀର୍ଷକଟିର ପ୍ରକୃତ ଭାବାର୍ଥ କ'ଣ ?

ପୂର୍ବ ସମୟରେ ଭାରତୀୟ ମହିଳାଙ୍କ ଜୀବନ ଶୈଳୀ ଓ ସାମାଜିକ ସ୍ଥିତି ଉପରେ ଆଲୋଚନା କରିବା ନାହିଁ ଯାହା ସମସ୍ତଙ୍କୁ ଜଣାଅଛି । ପୂର୍ବ ଭାରତୀୟ ଦାର୍ଶନିକ ମତବାଦରେ ମହିଳାଙ୍କୁ ଦେବୀ ଭଳି ମାନ୍ୟତା ରହିଥିବା ପଛରେ ଅନେକ ରହସ୍ୟ ରହିଛି । ନୂତନ ପିଢ଼ିର ଜନ୍ମଦାତ୍ରୀ ହୋଇଥିବା କାରଣରୁ ସେମାନଙ୍କୁ ସମାଜ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରୁଥିଲା । ସେହି କାରଣରୁ ଅତ୍ୟନ୍ତ ସୁକୁମାର ସ୍ତରରେ ରଖାଯିବା ଗ୍ରହଣୀୟତା ଦୃଷ୍ଟିକୋଣରୁ ସେମାନଙ୍କୁ ଘର ଭିତରେ ସଂପତ୍ତି ଭଳି ସାଇତି ରଖିବା ଉଦ୍ଦେଶ୍ୟ ରହିଥିଲା, ସମାଜରେ । ସଂପତ୍ତିକୁ ଲୁଚାଇ ରଖିବା ଭଳି ସେମାନଙ୍କୁ ମଧ୍ୟ ଲୁଚାଇ ରଖୁଥିଲେ ସମସ୍ତେ । ଜୀବନ ସାରା ଗୋଟିଏ ଘର ଭିତରେ ରହି ଉନ୍ମୁକ୍ତ ଚେତନା କ୍ଷୀଣ ହେବା ସହିତ ଦୂରଦୃଷ୍ଟି ବାଧିତ ହେବା ସ୍ୱାଭାବିକ କଥା ।

ପ୍ରାକୃତିକ ଜିନଗତ ପ୍ରଭାବ କାରଣରୁ ମହିଳା ମାନେ ଭୟାଳୁ ଏବଂ ତଦ୍ଜନିତ ଲୌକିକ ଆଚରଣ କରିଥା'ନ୍ତି । ସେମାନଙ୍କ ମନରେ ଥିଲେ ମଧ୍ୟ ମୁଖରେ ପ୍ରଖରତା ପୁରୁଷଙ୍କ ତୁଳନାରେ କମ । ସେହି କ୍ରମରେ ସେମାନଙ୍କ ଭାବପ୍ରବଣତା, ଦୟା, କ୍ଷମା, ପ୍ରେମ, ଉପକାରିତା, କରୁଣା ଓ ସ୍ନେହ ଭଳି ଅନେକ ମାନବୀୟ ଚରିତ୍ର ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ । ପୁରୁଷ ମାନେ କଠିନ ପରିଶ୍ରମ କରୁଥିଲେ । ତା'ର ପ୍ରଭାବ ଜନିତ ସେମାନଙ୍କ କଠୋରତା ସ୍ୱଭା? ବୃଦ୍ଧି ପାଉଥିଲା ! ଆଜି କାଲି ପୁରୁଷ ମାନେ ପୂର୍ବ ଭଳି କଠିନ ପରିଶ୍ରମ କରୁନଥିବାରୁ ସେମାନଙ୍କ ବଚନ ନମନୀୟ ହେବା ସ୍ୱାଭାବିକ, ଯାହା ସମସ୍ତେ ଅନୁଭବ କରୁଥିବେ !

ସୀମିତ ପରିସର ମଧ୍ୟରେ ସାରା ଜୀବନ ବିତିଲେ ମାନସିକ ସ୍ଥିତି ବିକ୍ଷିପ୍ତ ହେବା ସାଧାରଣ କଥା । ତା'ର ପ୍ରଭାବ କାରଣରୁ ଉନ୍ମୁକ୍ତ ଚେତନାର ଅଭାବ ଜନିତ-- କ୍ଷୀଣବୁଦ୍ଧି, ଆକ୍ରୋଶ, ଭୟ, କ୍ରୋଧ, ମାନସିକ ଅସ୍ଥିରତା, ଦୁଃଖ, ଅଲୌକିକ ବିଚାର ଭଳି ଅନେକ ଶୈତାନି ବିଚାର ସୃଷ୍ଟି ହେବା ପ୍ରକୃତି ବିଜ୍ଞାନ ସମ୍ମତ । ପୁରୁଷଙ୍କ କଠୋରତା ସମ୍ମୁଖରେ ମହିଳାଙ୍କ ଶୈତାନି ସ୍ୱଭା? ଆଚରଣ ଉତ୍ପନ୍ନ ହେଲେ ପାରିବାରିକ ଅଶାନ୍ତି ସୃଷ୍ଟି ହେବ ବୋଲି ବିଚାର ରହିଥିଲା । ମହିଳାଙ୍କ କ୍ଷୀଣ ବୁଦ୍ଧି କାରଣରୁ ପୁରୁଷଙ୍କୁ ସବୁ କଥାରେ ମାନି ଚଳିଲେ ପରିବାର ଭଲରେ ଚାଲିବ ବୋଲି ବିଚାର ରହିଥିଲା ! ସେହି କାରଣରୁ ମହିଳାଙ୍କୁ ଏକ ପ୍ରକାର ଆବେଗପୂର୍ଣ୍ଣ (ଇମୋସନାଲ) ଦମନ କରି ରଖିବା ଲକ୍ଷ ରଖାଯାଇ ଥିଲା । ଏହା ନୁହେଁ କି କୌଣସି ଅମାନବୀୟ ଦୃଷ୍ଟି କୋଣରେ ସମାଜରେ ଘୃଣା କରାଯାଉଥିଲା । ଲଗାତାର ଘରେ ରହିବା ଦ୍ୱାରା ମାନସିକ ଦୁଃସ୍ୱଭାବର ପରିଣତି ବିଷୟରେ ବୁଝିବା ଜ୍ଞାନ ନଥାଇ, ଓଲଟା ସେମାନଙ୍କ ସମ୍ମାନ ଜନିତ ଏସବୁ କରାଯାଉଥିବା ବୁଝିଥିଲେ ସେତେବେଳର ଲୋକେ !

ଆବେଗପୂର୍ଣ୍ଣ ଦମନର ମୁଖ୍ୟ ସ୍ରୋତ ଭାବେ ପତିଙ୍କୁ ପରମେଶ୍ୱର, ଶାଶୁ, ଶଶୁରଙ୍କୁ ଭଗବାନ ଭଳି ସେବା କରିବା ମାନବ ଧର୍ମ ବୋଲି କୁହାଯାଇ ଥିଲା । ନହେଲେ ସେମାନେ ର୍ନକଗାମୀ ହେବେ ବୋଲି ପ୍ରେରଣା ଦିଆଯାଇ ଥିଲା । ପୁରୁଷ ଅପେକ୍ଷା ନାରୀ ଜନ୍ମର ଦୁଲଭର୍ତାକୁ ସେମାନେ ଅନୁଭବ କରିବାରେ ଅସମର୍ଥ ହେଉଥିଲେ । ପଞ୍ଜୁରୀ ଭିତର ପକ୍ଷୀ ଭଳି ରହି ନିଜ ଜୀବନ ପ୍ରତି ସେମାନଙ୍କ ମନରେ ଏକ ପ୍ରକାର ଘୃଣାଭାବ ସୃଷ୍ଟି ହେଉଥିଲା । ସମାଜରେ ପ୍ରଚଳିତ କେତେକ ମାନ୍ୟତା ପ୍ରଥାକୁ ସଂପାଦନ କରୁଥିଲେ । ସେହି ଆଧାରରେ ପର୍ବ ପର୍ବାଣିରେ ଘରେ କେତେକ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ଏତିକି ହିଁ ଥିଲା 'ପତି ପରମେଶ୍ୱର'ର ପ୍ରକୃତ ଦାର୍ଶନିକ ମହତ୍ୱ ।

ସମୟ ସ୍ରୋତରେ (ଅଜ୍ଞାନ) ଚତୁର ତାକୁ କଦର୍ଥ କରି ଯାହାସବୁ ବ୍ୟବସାୟ କେଲେ ସେଗୁଡିକ ଆଉ ବଖାଣିବା ଆବଶ୍ୟକ ନାହିଁ-- ସମସ୍ତେ ଜାଣିଛନ୍ତି, ଦେଖୁଛନ୍ତି । ସାବିତ୍ରୀ ବ୍ରତ ଠାରୁ ଆରମ୍ଭ କରି ସୋମନାଥ ବ୍ରତ ପର୍ଯ୍ୟନ୍ତ ଅସଂଖ୍ୟ ପୂଜା ପାଠ ଏବଂ ତା ମାଧ୍ୟମରେ ବ୍ୟାପକ ବ୍ୟବସାୟ । ଦାନ ଦକ୍ଷିଣା ପୂର୍ବକ ଆଶୀର୍ବାଦ । ମନ୍ଦିରକୁ ଯାଇ ପରଜନ୍ମର ସୁଗମ ଯାତ୍ରା ଟିକଟ ସଂରକ୍ଷଣ ଭଳି ଅନେକ ମାର୍ଗରେ ପରିଚାଳିତ କରି ଯାହା କରୁଛନ୍ତି ସେମାନେ, ନକହିବା ଭଲ । ମହିଳାଙ୍କ ସାଧାରଣ ଜ୍ଞାନ / ଦୁରଦୃଷ୍ଟି / ସୃଜନଶୀଳତାର କ୍ଷୀଣତା କାରଣରୁ ଅଲୌକିକ ସ୍ୱପ୍ନ ଦେଖାଇ ସେମାନଙ୍କୁ ଠକିବା ଅତ୍ୟନ୍ତ ସହଜ ହୋଇଥାଏ । ତେଣୁ ସେମାନଙ୍କୁ ଘରେ ବାହାରେ ସମସ୍ତେ ସହଜରେ ଅଳ୍ପରେ ସନ୍ତୁଷ୍ଟ କରିପାରନ୍ତି । ସହଜରେ ଠକି ମଧ୍ୟ ପାରନ୍ତି । ଆଜି ସମୟରେ ଧାର୍ମିକ ଚେତନାରେ ବେହାଲ ମହିଳାଙ୍କ ସଂଖ୍ୟା, ପୁରୁଷଙ୍କ ତୁଳନାରେ ଯଥେଷ୍ଟ ଅଧିକ । ମହିଳାଙ୍କ କାରଣରୁ ହିଁ ଧାର୍ମିକ ଅନୁଷ୍ଠାନ ଗୁଡିକ ସକ୍ରିୟ ରହିଛନ୍ତି । ଅନ୍ୟଥା ସେମାନଙ୍କ ପ୍ରାଧାନ୍ୟତା କମି ଯାଇଥା'ନ୍ତା ।

ଏହି ସର୍ନ୍ଦଭରେ ପୂର୍ବ ସମୟର 'ପତି ପରମେଶ୍ୱର'ର ଦାର୍ଶନିକ ମର୍ମ ଆଜି ବିପରୀତମୁଖୀ ଆଧ୍ୟାତ୍ମିକ ଝଡ଼ରେ ପରିଣତ । ବର୍ଷରେ ଦୁଇଥର କେବଳ ଲୋକଙ୍କୁ ଦେଖାଇବା ପାଇଁ ପର୍ବ ଭଳି ପାଳନ କରାଯାଉ ଅଛି । ଉପରେ କେହି ଜଣଙ୍କୁ ପରମେଶ୍ୱର କରି, ମନ୍ଦିର ଭିତରେ ତାଙ୍କରି ସାନିଧ୍ୟ ଖୋଜା ଚାଲିଛି ! ଏହି ମାନସିକତା କାରଣରୁ ଘରେ ଘରେ ପ୍ରତିଦିନ କଳହର ସୀମା ନାହିଁ ! ପରିବାର ମଧ୍ୟରେ ଅଶାନ୍ତିର ଝଡ଼ ଥମିବାକୁ ନାହିଁ ! ଛାଡ଼ପତ୍ର ମାମଲା ପାଇଁ କଚେରୀ ଧାଡିରେ ଜାଗା ନାହିଁ ! ପାରିବାରିକ ହିଂସା ଜନିତ ହତ୍ୟା ମାମଲାର ଅନ୍ତ ହେବାକୁ ନାହିଁ ! ପଛୁଆ ବର୍ଗଙ୍କ ସବର୍ଣ୍ଣଙ୍କ ଉପରେ ଦାଉ ସାଧିବା ଭଳି ମହିଳାଙ୍କ ଆବେଗପୂର୍ଣ୍ଣ ଦମନର ପ୍ରତିଶୋଧ ବହ୍ନି ଲିଭିବାକୁ ନାହିଁ ! ନିର୍ବୋଧ ସରଳ ଭାରତୀୟ ମହିଳାଙ୍କୁ ଏମିତି ସ୍ତରକୁ ଆଣି ପହଂଚାଇବା ପଛର ଲୋକଟିକୁ କେହି ଜାଣନ୍ତି ନାହିଁ ! ତା ପଛରେ ରହିଥିବା ଇଂରେଜ ଷଡ଼ଯନ୍ତ୍ର ଉପରେ କାହାର ଜ୍ଞାନ ନାହିଁ ! ବର୍ତମାନର ବିଦେଶୀ ଷଡ଼ଯନ୍ତ୍ର ଉପରେ କାହାର ନିଘା ନାହିଁ !

ପୂର୍ବ ଭାରତୀୟ ମହିଳା ଆଉ ର୍ବତ୍ତମାନର ମହିଳାଙ୍କ ସ୍ଥିତିକୁ ଦେଖିଲେ କ'ଣ ଅନୁଭବ କରୁଛନ୍ତି ସମସ୍ତେ ବୁଝୁଥିବେ ନିଜେ ନିଜେ । ଏତେ ସୁନ୍ଦର ଆମ ସାମାଜିକ ପରିବେଶରେ ଅଗ୍ନି ସଂଯୋଗ କଲା କିଏ-- ତାକୁ ବୁଝିବାର ସାହସ, କ୍ଷମତା, ଆଗ୍ରହ କାହାର ନାହିଁ । ପୂର୍ବ ଭଳି ବିବାହ ବନ୍ଧନର ସୂତ୍ର ଆଉ ଖୋଜାଯାଉ ନାହିଁ । ରେଜିଷ୍ଟ୍ରୀ ବିବାହ କରି ଜୋଇଁ ଛାଡିଦେଲେ, ପୂର୍ବ ଭଳି ଝିଅର ଆଉ ଭବିଷ୍ୟତ ଅନ୍ଧକାର ହେବା ଭୟ ମଧ୍ୟ୍ୟ ନାହିଁ । ବର, କନ୍ୟାଙ୍କ ପରିବାର ମଧ୍ୟରେ ସଂପତ୍ତି ଦେଖି ସମ୍ବନ୍ଧ କରୁଛନ୍ତି, ଅଳ୍ପଦିନ ମଧ୍ୟରେ ବିପତ୍ତିକୁ ଡାକି ଘରକୁ ଆଣୁଛନ୍ତି । କାହାର ପୁଅ ଯାଇ ଘରଜୋଇଁ ତ କାହାର ଝିଅ ଆସି ବାପ ଘରେ ରହୁଛି । ପ୍ରେମଟା ଖାଲି ଟଙ୍କାରେ ରହୁଛି ! ଟଙ୍କା ଦେଇ ପରମେଶ୍ୱରଙ୍କୁ କିଣାଯାଉଛି ! ପ୍ରାଚୀନ ସଭ୍ୟତାରୁ ପାଶ୍ଚାତ୍ୟ ସଭ୍ୟତାକୁ ଡେଇଁ ଦେଶ ମୋର ବିକାଶ କରୁଛି !

କାହାକୁ କହିବା, କପାଳରେ ଖାଲି କର ମାରିବା ! ଖୁବ କମ ଦିନ ମଧ୍ୟରେ ପାଶ୍ଚାତ୍ୟ ଭଳି ପାରିବାରିକ ଜୀବନ ବିତାଇବା ପାଇଁ ପ୍ରସ୍ତୁତ ରହିବାକୁ ଆମ ପର ପିଢିଙ୍କୁ ପ୍ରେରଣା ଦେଇ ଯିବା ।

ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ),
ଛତ୍ରପୁର, ଗଂଜାମ - ୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.

# ଭାରତୀୟ ମୁକ୍ତି ସଂଗ୍ରାମ

ଅକ୍ଷୟ କୁମାର ରାଉତ

ପୂଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ ,ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣ ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ। ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେଓ୍ୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ଓ୍ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ। ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ। ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। (କ୍ରମଶଃ)



# ଜ୍ଞାନେଶ କୁମାରଙ୍କୁ ନେଇ ପୁଣି ବର୍ଷିଲେ ରାହୁଲ ଗାନ୍ଧୀ



**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ପୁଣି ବର୍ଷିଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ଜ୍ଞାନେଶ କୁମାରଙ୍କ ପାଖରେ ଏବେ ରାଜସାକ୍ଷୀ ହେବା ଛଡ଼ା ଆଉ କୌଣସି ରାସ୍ତା ନାହିଁ ବୋଲି କହିଛନ୍ତି ରାହୁଲ । ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗକୁ ନେଇ ଆୟୋଜିତ ପଦଯାତ୍ରା ପୂର୍ବରୁ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ରାହୁଲ ଗାନ୍ଧୀ । ସାମ୍ବାଦିକମାନେ ରାହୁଲଙ୍କୁ ପ୍ରଶ୍ନ କରିଥିଲେ, ମୁଖ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ତାଙ୍କୁ କୌଣସି ବାର୍ତ୍ତା ମିଳିଛି କି ? ଏହାର ଉତ୍ତରରେ ରାହୁଲ କହିଥିଲେ, ତାଙ୍କ ପାଖକୁ ବାର୍ତ୍ତା ଆସୁଛି ଏବଂ ଜ୍ଞାନେଶ କୁମାର ଏହି ସାମ୍ବାଦିକ ସମ୍ମିଳନୀ ମଧ୍ୟ ଦେଖୁଛନ୍ତି । ରାହୁଲ କହିଛନ୍ତି, ଜ୍ଞାନେଶ କୁମାରଙ୍କୁ ସେ ପୂର୍ବରୁ ରାଜସାକ୍ଷୀ ହେବାକୁ ପରାମର୍ଶ ଦେଇଥିଲେ । ସେ ଭୁଲ୍ କରିଛନ୍ତି, କିନ୍ତୁ ଏହି ଭୁଲ୍ ପଛରେ ସେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ନୁହନ୍ତି ବୋଲି ରାହୁଲ ଦାବି କରିଛନ୍ତି । ତେବେ କେଉଁ ମାଧ୍ୟମରେ ବାର୍ତ୍ତା ମିଳିଛି, ସେନେଇ ସ୍ପଷ୍ଟ ସୂଚନା ଦେଇନାହାନ୍ତି ।ଏହାସହ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ପଦରୁ ହଟାଇବାକୁ ଦାବି କରିଛନ୍ତି ରାହୁଲ। ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ନହେବା ପର୍ଯ୍ୟନ୍ତ ଏବଂ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିରୋଧୀଙ୍କ ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏହି ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ମଧ୍ୟ ଘୋଷଣା କରାଯାଇଛି ।ସବୁଠାରୁ ବଡ଼ କଥା ହେଉଛି, କେନ୍ଦ୍ର ସରକାରଙ୍କ ପ୍ରାୟ ୨୦୦ ଅଧିକାରୀ ବିରୋଧୀଙ୍କ ସମ୍ପର୍କରେ ଥିବା ଦାବି କରିଛନ୍ତି ରାହୁଲ । ଏଥିରେ ଇଡି, ସିବିଆଇ ଏବଂ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀ ମଧ୍ୟ ସାମିଲ ଥିବା ସେ କହିଛନ୍ତି । ଏହି ଅଧିକାରୀମାନେ ବିରୋଧୀଙ୍କୁ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଥିବା ଦାବି କରିଛନ୍ତି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କ ଚାପରେ ଜ୍ଞାନେଶ କୁମାର କାମ କରିଥିବା ଅଭିଯୋଗ ମଧ୍ୟ ଉଠାଇଛନ୍ତି ରାହୁଲ । ତେବେ ଏସବୁ ରାହୁଲଙ୍କ ଅଭିଯୋଗ ଓ ଦାବି ଏଗୁଡ଼ିକ ସ୍ୱାଧୀନ ଭାବେ ପ୍ରମାଣିତ ହୋଇନାହିଁ । ଅନ୍ୟପଟେ ନିର୍ବାଚନ ଆୟୋଗ ଏବଂ ବିଜେପି ନିର୍ବାଚନ ଅନିୟମିତତା ସମ୍ପର୍କିତ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଆସୁଛନ୍ତି ।

## ଜ୍ଞାନେଶ କୁମାରଙ୍କ ପାଇଁ ବଢ଼ିଲା ଅଡୁଆ

# ସବୁ ଆବେଦନର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଅଡୁଆ ବଢ଼ିଲା ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପାଇଁ । ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ ଏବଂ ନିର୍ବାଚନ କମିଶନଙ୍କ କାର୍ଯ୍ୟଶୈଳୀକୁ ନେଇ ଉଠିଥିବା ପ୍ରଶ୍ନ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି । ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ଆବେଦନଗୁଡ଼ିକର ଶୁଣାଣି ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମତି ପ୍ରକାଶ କରିଛନ୍ତି । ଆସନ୍ତା ଅକ୍ଟୋବର ୨୭ ତାରିଖରେ ଏହି ମାମଲାଗୁଡ଼ିକର ପରବର୍ତ୍ତୀ ଶୁଣାଣି ହେବ । ଆବେଦନଗୁଡ଼ିକରେ ଅଭିଯୋଗ କରାଯାଇଛି ଯେ, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସମୟରେ ନିର୍ବାଚନ କମିଶନଙ୍କ ଆଭ୍ୟନ୍ତରୀଣ ନିୟମ ଓ ପ୍ରକ୍ରିୟା ପାଳନ କରାଯାଇନାହିଁ । ବିଶେଷକରି ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କ ମତାମତ ଓ ଆପତ୍ତିକୁ ଉପେକ୍ଷା କରି କେତେକ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି । ଏହାସହ ଏସ୍‌ଆଇଆର୍ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିବାର ଆଶଙ୍କା ଏବଂ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିର ସାମ୍ବିଧାନିକ ବୈଧତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି ।ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି । ନିର୍ବାଚନ କମିଶନଙ୍କ କୌଣସି ନିଷ୍ପତ୍ତି ଆଇନ ଅନୁଯାୟୀ ହୋଇନଥିଲେ ତାହାକୁ ରଦ୍ଦ କରାଯାଇପାରିବ ବୋଲି ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ଏସ୍‌ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ବିରୋଧରେ ସ୍ୱର ତୀବ୍ର କରିଛନ୍ତି । ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ମଧ୍ୟ ଜୋର ଧରିଛି ।



ଏଭଳି ପରିସ୍ଥିତିରେ ଅକ୍ଟୋବର ୨୭ ତାରିଖର ଶୁଣାଣିକୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ବଢ଼ିଛି । ତେବେ ଆବେଦନଗୁଡ଼ିକର ଶୁଣାଣି ପାଇଁ ସମ୍ମତି ମିଳିବାର ଅର୍ଥ ଅଭିଯୋଗ ପ୍ରମାଣିତ ହେବା ନୁହେଁ । ଏବେ ସମସ୍ତଙ୍କ ନଜର ସୁପ୍ରିମକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଉପରେ ।

# ସୁଦାନର ସୁନା ଖଣିରେ ଭୟଙ୍କର ଏୟାର ଷ୍ଟ୍ରାଇକ, ୭୨ ଶ୍ରମିକ ମୃତ

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ସୁଦାନର ସୁନା ଖଣି ଉପରେ ଏୟାରଷ୍ଟ୍ରାଇକ୍। ଏଥିରେ ୭୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତର ହୋଇଥିବା ସୂଚନା ମିଳିଛି । ସୁଦାନ ଓ ମିଶର ମଧ୍ୟରେ ଥିବା ବିବାଦୀୟ ସୀମା ନିକଟରେ ଏହି ଏୟାରଷ୍ଟ୍ରାଇକ୍ ହୋଇଥିବା କୁହାଯାଉଛି । ଏହି ଷ୍ଟ୍ରାଇକ୍ ଇଜିପ୍ଟର ବାୟୁସେନା ଦ୍ୱାରା କରାଯାଇଥିବା ଇମରଜେନ୍ସି ଲୟାର୍ସ ନାମକ ଏକ ସଂଗଠନ ପକ୍ଷରୁ କୁହାଯାଇଛି । ଏୟାରଷ୍ଟ୍ରାଇକ୍‌କୁ ନେଇ ଇଜିପ୍ଟ ଏପର୍ଯ୍ୟନ୍ତ କୌଣସି ବିବୃତି ଜାରି କରିନାହିଁ।ଆକ୍ରମଣ ପରେ ପ୍ରାରମ୍ଭିକ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୭୨ ବୋଲି କୁହାଯାଇଛି । କିନ୍ତୁ ସ୍ଥାନୀୟ ସଂଗଠନ ଗୁଡ଼ିକର କହିବା କଥା, ଆକ୍ରମଣ ସମୟରେ ହଜାରରୁ ଅଧିକ ଲୋକ ଭିନ୍ନ ଭିନ୍ନ ସ୍ଥାନରେ କାମ କରୁଥିଲେ, ତେଣୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏୟାରଷ୍ଟ୍ରାଇକ୍ ବେଳେ କାମ କରୁଥିବା ଶ୍ରମିକ ଭୟରେ ଏଣେ ତେଣେ ଦୌଡ଼ି ପଳାଇଥିଲେ। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଲଢୁଆ ବିମାନ ଖଣି ଉପରେ ୫ ଥର ବୋମାମାଡ କରିଥିଲା । ପ୍ରକାଶ ଥାଉ କି, ଏହା ପୂର୍ବରୁ ଜୁନ୍ ମାସରେ ମିଶର ସୀମା ନିକଟସ୍ଥ ଜାବାଲ୍ ଅଲ୍-ଉକାୟଦାତ୍ ଅଞ୍ଚଳରେ ଏକ ଅଣଲାଇସେନ୍ସ ପ୍ରାପ୍ତ ସୁନା ଖଣି ଉପରେ ଏୟାର ଷ୍ଟ୍ରାଇକ୍ ହୋଇଥିଲା। ଆକ୍ରମଣ ପାଇଁ ମିଶରକୁ ଦାୟୀ କରାଯାଇଥିଲା। ସୁଦାନ ଓ ମିଶର ମଧ୍ୟରେ ବହୁ ଦିନ ଧରି ସୀମା ବିବାଦ ଲାଗି ରହିଛି । ଉଭୟ ଦେଶ ଖଣିଜ ସମ୍ପଦରେ ସମୃଦ୍ଧ ଥିବା ହଲେ ?ବ ତ୍ରିଭୁଜକୁ ନିଜର ବୋଲି ଦାବି କରୁଛନ୍ତି। ଫଳରେ ଏହି ଅଞ୍ଚଳରେ ସୁନା ଖଣିରେ କାମ କରୁଥିବା ଶ୍ରମିକଙ୍କୁ ଘଉଡାଇବା ପାଇଁ ମିଶର ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଉଛି।

# ଭାରତୀୟ ଆପ୍ ଷ୍ଟୋରରୁ ହଟିଲା ‘ବିଟ୍‌ଚାଟ୍’

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ବର୍ତ୍ତମାନ ବିନା ଇଣ୍ଟରନେଟ୍, ସିମ୍ କାର୍ଡ କିମ୍ବା ନେଟୱାର୍କ୍ ଟାୱାର୍‌ରେ ଚାଲୁଥିବା ମେସେଜିଂ ଆପ୍ସଗୁଡ଼ିକ କେନ୍ଦ୍ର ସରକାରଙ୍କ ନଜରରେ ରହିଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ (ପୂର୍ବତନ ଟ୍ୱିଟର୍)ର କୋ-ଫାଉଣ୍ଡର ଜ୍ୟାକ୍ ଡୋର୍ସିଙ୍କ ଦ୍ୱାରା ପ୍ରସ୍ତୁତ ଲୋକପ୍ରିୟ ଅଫ୍‌ଲାଇନ୍ ଚାଟିଂ ଆପ୍ ‘ବିଟ୍‌ଚାଟ୍’କୁ ଭାରତୀୟ ଆପ୍ ଷ୍ଟୋରରୁ ହଟାଇ ଦିଆଯାଇଛି ।ଏହି ଆପ୍‌ଗୁଡ଼ିକ ବ୍ଲୁଟୁଥ୍ ଜରିଆରେ ଆଖପାଖରେ ଥିବା ଫୋନ୍ ଗୁଡ଼ିକୁ ପରସ୍ପର ସହ ଯୋଡ଼ିଥାଏ। ଏହା ଏକ ‘ମେସ୍ ନେଟୱାର୍କ’ସୃଷ୍ଟି କରିଥାଏ, ଯାହାଫଳରେ ମୋବାଇଲ୍ ଡାଟା, ୱାଇ-ଫାଇ କିମ୍ବା ଇଣ୍ଟରନେଟ୍ ନଥିଲେ ମଧ୍ୟ ଗୋଟିଏ ଡିଭାଇସ୍‌ରୁ ଅନ୍ୟ ଡିଭାଇସକୁ ମେସେଜ୍ ପଠାଯାଇପାରିଥାଏ ।ଦିଲ୍ଲୀରେ ଇଣ୍ଟରନେଟ୍ ସେବା ବନ୍ଦ ଥିବା ସମୟରେ ପ୍ରଦର୍ଶନକାରୀମାନେ ଏଭଳି ଅଫ୍‌ଲାଇନ୍ ମେସେଜିଂ ଆପ୍‌ଗୁଡ଼ିକୁ ବ୍ୟବହାର କରିଥିବା ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଏହାପରେ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଆପଲ୍ ପକ୍ଷରୁ ଭାରତୀୟ ଆପ୍ ଷ୍ଟୋରରୁ ‘ବିଟ୍‌ଚାଟ୍’କୁ ହଟାଇ ଦିଆଯାଇଥିବା ନେଇ ନୋଟିସ୍ ଜାରି କରାଯାଇଥିଲା। ଗୁଗଲ୍ ପ୍ଲେ-ଷ୍ଟୋରରୁ ମଧ୍ୟ ଏହି ଆପ୍‌ଟି ବର୍ତ୍ତମାନ ଉପଲବ୍ଧ ନାହିଁ ।ଆପ୍ ଷ୍ଟୋରରୁ ହଟିବା ଦ୍ୱାରା ନୂଆ ୟୁଜର୍ସମାନେ ଏହାକୁ ଆଉ ଡାଉନଲୋଡ୍ କରିପାରିବେ ନାହିଁ। ଯେଉଁ ୟୁଜର୍ସଙ୍କ ଫୋନ୍‌ରେ ଆପ ପୂର୍ବରୁ ଇନଷ୍ଟଲ୍ ହୋଇଛି, ତାହା ସେମାନଙ୍କ ଫୋନ୍‌ରୁ ଅଟୋମେଟିକ୍ ଡିଲିଟ୍ ହେବ ନାହିଁ। ତେବେ ଆପ୍ ଅପ୍‌ଡେଟ୍ କିମ୍ବା ଆନୁଷଙ୍ଗିକ ସପୋର୍ଟ ମିଳିବାରେ ସମସ୍ୟା ଦେଖାଦେଇପାରେ। ଅଜଣା ୱେବସାଇଟ୍‌ରୁ ଏପିକେ ଫାଇଲ୍ ଡାଉନଲୋଡ୍ କରିବା ୟୁଜର୍ସଙ୍କ ପ୍ରାଇଭେସୀ ଓ ସୁରକ୍ଷା ପାଇଁ ବିପଜ୍ଜନକ ହୋଇପାରେ ବୋଲି ସ୍ପଷ୍ଟ କରାଯାଇଛି।

# ରାଜଧାନୀ ଏକ୍ସପ୍ରେସ୍‌କୁ ଟକ୍କର ଦେବ ନୂଆ ବନ୍ଦେ ଭାରତ ସ୍ଲିପର୍ !

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ରେଳଯାତ୍ରୀଙ୍କ ପାଇଁ ଆସୁଛି ବଡ଼ ଖୁସି ଖବର । ୧୬ ଡବା ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର୍ ପରେ ଏବେ ୨୪ ଡବା ବିଶିଷ୍ଟ ନୂଆ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ଚଳାଇବାକୁ ପ୍ରସ୍ତୁତି କରୁଛି ଭାରତୀୟ ରେଳବାଇ । ଏହି ଅତ୍ୟାଧୁନିକ ଟ୍ରେନ୍‌ରେ ଏକକାଳୀନ ୧୨୨୪ ଜଣ ଯାତ୍ରୀ ଯାତ୍ରା କରିପାରିବେ । ଏଥିରେ ରହିବ ଫୁଲ୍ ଏସି ପ୍ୟାଣ୍ଟ୍ରି କାର୍ ସହ ଅନେକ ଅତ୍ୟାଧୁନିକ ସୁବିଧା। ଯାତ୍ରୀଙ୍କ ଆରାମଦାୟକ ଯାତ୍ରାକୁ ଦୃଷ୍ଟିରେ ରଖି ଏହି ଟ୍ରେନ୍‌କୁ ଡିଜାଇନ୍ କରାଯାଉଛି । ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି ଏବଂ ବେଙ୍ଗାଲୁରୁର ଭାରତ ଆର୍ଥ ମୁଭର୍ସ (ବିଇଏମ୍ଏଲ) ମିଳିତ ଭାବେ ଏହି ୨୪ ଡବା ବିଶିଷ୍ଟ ଟ୍ରେନ୍ ନିର୍ମାଣ କରୁଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ଏହାର ପ୍ରଥମ ମଡେଲ୍ ପ୍ରସ୍ତୁତ ହେବାର ଯୋଜନା ରହିଛି। ରେଳବାଇ ଏଭଳି ୫୦ଟି ଅଧିକ କ୍ଷମତା ବିଶିଷ୍ଟ ଟ୍ରେନ୍ ପ୍ରସ୍ତୁତ କରିବାକୁ ଯୋଜନା କରୁଛି ।ନୂଆ ବନ୍ଦେ ଭାରତ ସ୍ଲିପର୍‌ରେ ମୋଟ ୨୪ଟି କୋଚ୍ ରହିବ । ଏଥିରୁ ୧୭ଟି ଥାର୍ଡ ଏସି, ୫ଟି ସେକେଣ୍ଡ ଏସି, ଗୋଟିଏ ଫାର୍ଷ୍ଟ ଏସି ଏବଂ ଗୋଟିଏ ସମ୍ପୂର୍ଣ୍ଣ ଏସି ପ୍ୟାଣ୍ଟ୍ରି କାର୍ ରହିବ । ବର୍ତ୍ତମାନର ୧୬ କୋଚ୍ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର୍‌ରେ ୮୨୩ ଜଣ ଯାତ୍ରୀ ଯାତ୍ରା କରିପାରୁଥିବା ବେଳେ ନୂଆ ଟ୍ରେନ୍‌ରେ ଏହି କ୍ଷମତା ବୃଦ୍ଧି ପାଇ ୧୨୨୪ ହେବ । ଦୀର୍ଘ ଦୂରତା ଯାତ୍ରା ସମୟରେ ଯାତ୍ରୀଙ୍କୁ ତାଜା ଓ ଉନ୍ନତ ମାନର ଖାଦ୍ୟ ଯୋଗାଇବା ପାଇଁ ଏଥିରେ ଫୁଲ୍ ଏସି ପ୍ୟାଣ୍ଟ୍ରି କାର୍ ରହିବ । ଏହା ସହ ପ୍ରତ୍ୟେକ କୋଚ୍‌ରେ ମିନି ପ୍ୟାଣ୍ଟ୍ରି ଏବଂ ଚାଦର, ତଉଲିଆ ରଖିବା ଓ ଯାତ୍ରୀଙ୍କୁ ବଣ୍ଟନ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିବ ।ନୂଆ ବନ୍ଦେ ଭାରତ ସ୍ଲିପର୍ ୧୫୦୦ରୁ ୨୦୦୦ କିଲୋମିଟର ଦୂରତା ବିଶିଷ୍ଟ ରୁଟ୍‌ରେ ରାଜଧାନୀ ଏକ୍ସପ୍ରେସ୍‌ର ବିକଳ୍ପ ହୋଇପାରେ ।

## ସରକାରଙ୍କୁ ଦିପକେଙ୍କ କଡ଼ା ଜବାବ

# ‘ସାରା ଦେଶ ପାଲଟିବ ଜନ୍ତରମନ୍ତର’

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଦେଶର ରାଜଧାନୀ ଦିଲ୍ଲୀରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନକୁ ନେଇ ବଡ଼ ପରିବର୍ତ୍ତନ। ଏଣିକି ଜନ୍ତରମନ୍ତର ଆଉ ରହିବନି ଧାରଣା ଓ ବିକ୍ଷୋଭ ପାଇଁ ନିର୍ଦ୍ଧାରିତ ସ୍ଥାନ। ଦିଲ୍ଲୀ ପୋଲିସ ଜନ୍ତରମନ୍ତରକୁ ସରକାରୀ ଅନୁମୋଦିତ ପ୍ରତିବାଦ ସ୍ଥଳ ତାଲିକାରୁ ବାଦ୍ ଦେଇଛି। ଏହା ବଦଳରେ ତିନୋଟି ନୂଆ ସ୍ଥାନ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଉଛି ରାମଲୀଳା ମୈଦାନ, ବୁରାଡ଼ି ମୈଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗଠିତ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧୧ ତାରିଖରେ ଦିଲ୍ଲୀ ପୋଲିସ କମିଶନର ଅନୁରାଗ କୁମାରଙ୍କ ସ୍ୱାକ୍ଷରରେ ଏହି ନୂଆ ଆଦେଶ ଜାରି କରାଯାଇଛି। ୨୦୨୨ ଏପ୍ରିଲ ୨୮ ତାରିଖରେ ଜାରି ହୋଇଥିବା ପୁରୁଣା ନିର୍ଦ୍ଦେଶନାମାରେ ଆଂଶିକ ସଂଶୋଧନ କରାଯାଇଛି। ନୂଆ ସ୍ଥାନଗୁଡ଼ିକରେ ଧାରଣା ଓ ବିକ୍ଷୋଭ ଆୟୋଜନ ପାଇଁ ସ୍ୱତନ୍ତ୍ର ଏସଓପି ବା ମାନକ ପରିଚାଳନା ପ୍ରକ୍ରିୟା ଜାରି କରାଯିବ। ଏଥିରେ ପ୍ରତିବାଦ ପାଇଁ ଅନୁମତି ନେବାର ପ୍ରକ୍ରିୟା, ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ନିୟମ ସମ୍ପର୍କରେ ସ୍ପଷ୍ଟ କରାଯିବ ।ଅନ୍ୟପଟେ ଏହି ନିଷ୍ପତ୍ତିକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି କକ୍ରୋଚ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦିପକେ। ସେ ସରକାରଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି, ଜନ୍ତରମନ୍ତରକୁ ପ୍ରତିବାଦ ସ୍ଥଳ ତାଲିକାରୁ ହଟାଇ ଦିଆଯାଇଛି। ତେବେ ଏହା ପୂର୍ବରୁ ମଧ୍ୟ ଜଣେ ଭୀରୁ ଏକଛତ୍ରବାଦୀ ଜନ୍ତରମନ୍ତରକୁ ଯୁଦ୍ଧକ୍ଷେତ୍ରରେ ପରିଣତ କରିଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏହା ସହିତ ‘ଏବେ ସାରା ଦେଶ ଜନ୍ତରମନ୍ତର ପାଲଟିବ’ ବୋଲି ଦିପକେ ଚେତାବନୀ ଦେଇଛନ୍ତି। ଦୀର୍ଘବର୍ଷ ଧରି ଜନ୍ତରମନ୍ତର ଦେଶର ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ଛାତ୍ର ଏବଂ ଆନ୍‌ଦୋଳନକାରୀଙ୍କ ପ୍ରତିବାଦର ପ୍ରମୁଖ କେନ୍ଦ୍ର ରହିଆସିଛି। ଏଠାରେ ଅନେକ ବଡ଼ ଆନ୍ଦୋଳନ ଓ ସରକାର ବିରୋଧୀ ବିକ୍ଷୋଭ ହୋଇଛି। ଏବେ ଏହାକୁ ନିର୍ଦ୍ଧାରିତ ପ୍ରତିବାଦ ସ୍ଥଳ ତାଲିକାରୁ ହଟାଯିବା ପରେ ଗଣତାନ୍ତ୍ରିକ ଅଧିକାର ଏବଂ ପ୍ରତିବାଦର ସ୍ୱାଧୀନତାକୁ ନେଇ ନୂଆ ବିତର୍କ ଆରମ୍ଭ ହୋଇଛି। ତେବେ ଜନ୍ତରମନ୍ତରରେ ସମସ୍ତ ପ୍ରକାର ପ୍ରତିବାଦ ସମ୍ପୂର୍ଣ୍ଣ ନିଷିଦ୍ଧ କି ନୁହେଁ, ସେନେଇ ଅଧିକ ସ୍ପଷ୍ଟତା ଆବଶ୍ୟକ। ନୂଆ ଏସଓପି ଜାରି ହେବା ପରେ ପ୍ରତିବାଦକାରୀଙ୍କ ପାଇଁ ଲାଗୁ ହେବାକୁ ଥିବା ନିୟମ ସ୍ପଷ୍ଟ ହେବ।



# ଭାରତୀୟ ନୌସେନାର ଶକ୍ତିବୃଦ୍ଧି

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଭାରତୀୟ ନୌସେନାର ତୃତୀୟ ଅଗଭୀର ଜଳ ଆଣ୍ଟି-ସବମେରିନ୍ ଯୁଦ୍ଧପୋତ ‘ମାଙ୍ଗରୋଲ୍’କୁ ମୁମ୍ବାଇରେ ନୌସେନାରେ ସାମିଲ କରାଯାଇଛି। ଏହା ନୌସେନାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବିଶେଷକରି ଉପକୂଳ ଜଳସୀମାରେ, ଯେଉଁଠାରେ ବଡ଼ ଯୁଦ୍ଧଜାହାଜଗୁଡ଼ିକର କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହୋଇଥାଏ ସେଠାରେ ଏହା ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବ। କୋଚି-ସ୍ଥିତ କୋଚିନ୍ ସିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ, ଏହି ଜାହାଜ ସାମୁଦ୍ରିକ ପାଟ୍ରୋଲ୍ ବିମାନ, ହେଲିକପ୍ଟର ଏବଂ ଅନ୍ୟାନ୍ୟ ଯୁଦ୍ଧଜାହାଜ ସହିତ ମିଳିତ ଭାବରେ କାର୍ଯ୍ୟ କରିପାରିବ। ଏହା ଶତ୍ରୁ ବୁଡ଼ାଜାହାଜଗୁଡ଼ିକୁ ଚିହ୍ନଟ କରି ମୁକାବିଲା କରିବାରେ ସକ୍ଷମ ହେବ ।ଏହି ଜାହାଜ ସାମିଲ ହେବା ଦ୍ୱାରା ବନ୍ଦର, ବନ୍ଦର ଏବଂ ଉପକୂଳବର୍ତ୍ତୀ ସମୁଦ୍ର ପଥଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନୌସେନାର କ୍ଷମତା ବୃଦ୍ଧି ପାଇବ ଏବଂ ନୌବାହିନୀର କାର୍ଯ୍ୟରେ ମଧ୍ୟ ସହାୟକ ହୋଇପାରିବ ।ପରିବର୍ତ୍ତିତ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ଏବଂ ଜଳମଗ୍ନ ବିପଦ ବୃଦ୍ଧି ସହିତ, ନୌସେନାରେ ‘ମାଙ୍ଗରୋଲ୍’ର ସାମିଲ ହେବା ନୌସେନାର ବୁଡ଼ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ନୌସେନାରେ ଏହି ଜାହାଜର ସାମିଲ ହେବା ଭାରତର ବର୍ଦ୍ଧିତ ସ୍ୱଦେଶୀ ଜାହାଜ ନିର୍ମାଣ କ୍ଷମତାକୁ ମଧ୍ୟ ପ୍ରତିଫଳିତ କରିଛି। ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାଇସ୍ ଆଡମିରାଲ୍ ସଞ୍ଜୟ ବାତ୍ସାୟନ୍ ଏହି ଅବସରରେ ମୁଖ୍ୟ ଅତିଥି ଥିଲେ ।ଜାହାଜର ନାମକରଣ ଗୁଜୁରାଟର ଜୁନାଗଡ଼ ଜିଲ୍ଲାର ଏକ ଉପକୂଳବର୍ତ୍ତୀ ସହର ଏବଂ ପ୍ରମୁଖ ମାଛ ଧରିବା ବନ୍ଦର ମାଙ୍ଗରୋଲ୍‌ର ନାମରେ ରଖାଯାଇଛି। ଏହି ଜାହାଜଟି ପୂର୍ବବର୍ତ୍ତୀ, ଆଇଏନଏସ ମାଙ୍ଗରୋଲ୍ (ଏମ୮୫)ର ଐତିହ୍ୟକୁ ଆଗକୁ ବହନ କରିବ। ପୂର୍ବବର୍ତ୍ତୀ ଜାହାଜଟି ଏକ ମାଇନ୍-ବିରୋଧୀ ଯୁଦ୍ଧ ଜାହାଜ ଥିଲା ଯାହା ଏପ୍ରିଲ ୨୦୦୪ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲା। ଏହି ନୂତନ ଜାହାଜର ନାମକରଣ ନୌସେନାର ପୂର୍ବବର୍ତ୍ତୀ ଯୁଦ୍ଧଜାହାଜର ଐତିହ୍ୟକୁ ସଂରକ୍ଷଣ କରିବାର ପରମ୍ପରାକୁ ଜାରି ରଖିଛି।

# ହୁତିଙ୍କ କ୍ଷେପଣାସ୍ତ୍ର ଆକ୍ରମଣରେ ଥରହର ସାଉଦି ଆରବ, ଏମବିଏସଙ୍କ ସୁରକ୍ଷା କଡ଼ାକଡ଼ି

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ୟେମେନର ହୁତି ବିଦ୍ରୋହୀଙ୍କ ଲଗାତାର କ୍ଷେପଣାସ୍ତ୍ର ଆକ୍ରମଣରେ ଥରହର ସାଉଦି ଆରବ। ରାଜଧାନୀ ରିୟାଦରେ ଦୁଇଦିନ ଧରି ଭୟଙ୍କର ଆକ୍ରମଣ ପରେ ଦେଶର ସୁରକ୍ଷା ବ୍ୟବସ୍ଥାକୁ ନେଇ ବଢ଼ିଛି ଚିନ୍ତା। ବିଶେଷକରି ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ ବା ଏମବିଏସଙ୍କ ସୁରକ୍ଷା ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଆକ୍ରମଣ ଭୟରେ ତାଙ୍କୁ କଡ଼ା ସୁରକ୍ଷା ଥିବା ବଙ୍କର ମହଲକୁ ସ୍ଥାନାନ୍ତର କରାଯାଇଥିବା ଦାବି ସାମ୍ନାକୁ ଆସିଛି। ତେବେ ଏହି ଦାବିର ସ୍ୱାଧୀନ ପୁଷ୍ଟି ମିଳିନାହିଁ ।ଶନିବାର ରିୟାଦର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୁତିଙ୍କ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦୦ରୁ ଅଧିକ ଆହତ ହୋଇଛନ୍ତି। ରବିବାର ପୁଣି ବିମାନବନ୍ଦରରେ ଆକ୍ରମଣ ହେବାରୁ ଜଣେ ପାକିସ୍ତାନୀ ନାଗରିକଙ୍କ ମୃତ୍ୟୁ ଏବଂ ୧୧ ଜଣ ଆହତ ହୋଇଛନ୍ତି। ଲଗାତାର ଆକ୍ରମଣ ଯୋଗୁଁ ବିମାନ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ଆକ୍ରମଣ ପରେ ସାଉଦି ଆରବର ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଶେଷକରି ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ ଆକାଶରେ ଧ୍ୱଂସ କରିବା ପାଇଁ ବ୍ୟବହୃତ ଇଣ୍ଟରସେପ୍ଟର ମିସାଇଲର ଅଭାବ ଚିନ୍ତା ବଢ଼ାଇଛି। ଦେଶର ତୈଳ ଭିତ୍ତିଭୂମି, ବିମାନବନ୍ଦର, ରାଜପ୍ରାସାଦ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ସୁରକ୍ଷା ପାଇଁ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଜରୁରୀ ହୋଇପଡ଼ିଛି। ଅନ୍ୟପଟେ ଅକ୍ଟୋବର ୬ ତାରିଖରେ ଏମବିଏସଙ୍କୁ ଏକ ଜାତୀୟ ରକ୍ତଦାନ ଅଭିଯାନରେ ଦେଖିବାକୁ ମିଳିଥିଲା। ଏହାପରେ ତାଙ୍କ ସୁରକ୍ଷା ଓ ଅବସ୍ଥାନକୁ ନେଇ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି। ତେବେ ସେ ବଙ୍କରରେ ଆଶ୍ରୟ ନେଇଥିବା ନେଇ ସାଉଦି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ। ଏପଟେ ରିୟାଦରେ ବିଦ୍ୟାଳୟଗୁଡ଼ିକରେ ଅନଲାଇନ୍ ପାଠପଢ଼ା ବ୍ୟବସ୍ଥା କରାଯାଇଛି। ହୁତିଙ୍କ ଆକ୍ରମଣକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯାଇଥିବା ବେଳେ ସାଉଦି ଆରବ ମଧ୍ୟ କଡ଼ା ଜବାବ ଦେବାକୁ ଚେତାବନୀ ଦେଇଛି। ଲଗାତାର ଆକ୍ରମଣ ମଧ୍ୟପ୍ରାଚ୍ୟରେ ବଡ଼ଧରଣର ସଂଘର୍ଷ ଆଶଙ୍କାକୁ ଆହୁରି ବଢ଼ାଇଦେଇଛି।

# ଆଦିତ୍ୟ ଠାକରେ ଏବଂ ଭାଇ ଅମିତଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦେଖିବାକୁ ମିଳୁଛି । ଏହି ଆନ୍ଦୋଳନ କେବଳ ଦିଲ୍ଲୀରେ ସୀମିତ ନାହିଁ । ମୁମ୍ବାଇରେ ମଧ୍ୟ ବିଭିନ୍ନ ବିରୋଧୀ ଦଳ ସିଜେପିକୁ ସମର୍ଥନ କରି ଆନ୍ଦୋଳନରେ ଅଂଶଗ୍ରହଣ କରିଛନ୍ତି । ମୁମ୍ବାଇର ଶିବାଜୀ ପାର୍କ ନିକଟରେ ମଧ୍ୟ ଜୋରଦାର ଆନ୍ଦୋଳନ ହୋଇଛି । ଏହି ଆନ୍ଦୋଳନରେ ଆଦିତ୍ୟ ଠାକରେ ଏବଂ ତାଙ୍କ ଭାଇ ତଥା ଏମଏନଏସ୍ ନେତା ଅମିତ ଠାକରେ ମଧ୍ୟ ଉପସ୍ଥିତ ଥିଲେ । ବେଆଇନ ଭାବରେ ଆନ୍ଦୋଳନ କରୁଥିବାରୁ ଆଦିତ୍ୟ ଏବଂ ଅମିତଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି । ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ବା ବିଏନଏସ୍‌ର ଧାରା ୧୮୯(୨) (ବେଆଇନ ଜନସମାବେଶ) ସମେତ ବିଭିନ୍ନ ଆଇନରେ ମାମଲା ରୁଜୁ କରିଛି ପୁଲିସ । ରବିବାର ଆଦିତ୍ୟ ଠାକରେ ଶିବାଜୀ ପାର୍କ ବାହାରେ ରାସ୍ତା ଉପରେ ଧାରଣାରେ ବସିଥିଲେ । ସେ ଅଟକ ପ୍ରଦର୍ଶନକାରୀଙ୍କୁ ନେଇଯାଉଥିବା ଏକ ପୁଲିସ ଭ୍ୟାନ୍‌କୁ ଅଟକାଇଥିବା ଅଭିଯୋଗ ହୋଇଛି । କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନକୁ ସମର୍ଥନ ଜଣାଇ ମୁମ୍ବାଇରେ ଏହି ଆନ୍ଦୋଳନ କରିଥିଲେ । ରବିବାର ଦିନ ଆଦିତ୍ୟ ଠାକରେ ଏବଂ ତାଙ୍କର ଭାଇ ଅମିତ ଠାକରେ ଶତାଧିକ ସମର୍ଥକଙ୍କ ସହ ପହଞ୍ଚିବା ପରେ ପ୍ରଦର୍ଶନ ଆହୁରି ତୀବ୍ର ହୋଇଥିଲା। ଏହି ପ୍ରଦର୍ଶନ ସମୟରେ ସାମାଜିକ କର୍ମୀ ଅଞ୍ଜଳି ଦମନିଆଙ୍କ ସମେତ ଅନେକ ଲୋକଙ୍କୁ ପୁଲିସ ଅଟକ ରଖିଥିଲା। ସନ୍ଧ୍ୟା ସମୟରେ ଠାକରେ ପରିବାରର ଦୁଇ ଭାଇ ସେମାନଙ୍କ ସମର୍ଥକଙ୍କ ସହ ଶିବାଜୀ ପାର୍କ ନିକଟରେ ପହଞ୍ଚିଥିଲେ । ସେମାନେ କେନ୍ଦ୍ର ଏବଂ ମହାରାଷ୍ଟ୍ରର ବିଜେପି ସରକାରଙ୍କୁ ଏକଛତ୍ରବାଦୀ ବୋଲି କହି କଟାକ୍ଷ କରିଥିଲେ। ସେମାନେ ପୁଲିସ ଅଟକ ରଖିଥିବା ଲୋକଙ୍କୁ ତୁରନ୍ତ ବାହାର କରିବାକୁ ଦାବି କରିଥିଲେ। ଆଦିତ୍ୟ ଠାକରେ ଅଭିଯୋଗ କରିଛନ୍ତି ଯେ, ପୁଲିସ ତାଙ୍କ ପାର୍ଟିର କର୍ମୀମାନଙ୍କ ଉପରେ ଆକ୍ରମଣ କରିଛି । ମହିଳାମାନଙ୍କ ସମେତ ଅନେକଙ୍କ ପ୍ରତି ଦୁର୍ବ୍ୟବହାର କରିଛି। ଏହି ସମୟରେ ଜଣେ ମହିଳା କର୍ମୀଙ୍କ ଶାଢ଼ି ଚିରି ଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ପୁଲିସ ରୁଜୁ କରିଥିବା ମାମଲାରେ, ଏମଏନଏସ୍ ନେତା ସନ୍ଦୀପ ଦେଶପାଣ୍ଡେ, ଶିବସେନା (ୟୁବିଟି) ର ବରୁଣ ସରଦେଶାଇ ଏବଂ ମହେଶ ସାୱନ୍ତଙ୍କ ନାମ ମଧ୍ୟ ସାମିଲ । ଏହା ପୂର୍ବରୁ ମୁମ୍ବାଇରେ ପ୍ରଦର୍ଶନ କରୁଥିବା ବେଳେ ଅଭିନେତା ଆମିର ଖାନଙ୍କ ଭଣଜା ଇମ୍ରାନ ଏବଂ ତାଙ୍କ ଝିଅାରୀଙ୍କୁ ପୁଲିସ ଅଟକ ରଖିଥିଲା । ପରେ ତାଙ୍କୁ ପୁଲିସ ଛାଡ଼ି ଦେଇଥିଲେ ବି ମାମଲା ରୁଜୁ କରିଥିବା ଜଣାପଡ଼ିଛି ।



# କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ କେବଳ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଯୋଗୀ ଆଦିତ୍ୟନାଥ କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରି କହିଛନ୍ତି ଯେ, ଗତ କିଛି ଦିନ ଧରି ଦେଶର ରାଜଧାନୀ ଦିଲ୍ଲୀରେ ଲଗାତାର ଦେଖିବାକୁ ମିଳୁଛି ଯେ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ କେବଳ ସାଧାରଣ ଲୋକଙ୍କୁ ହଇରାଣ କରୁନାହାନ୍ତି, ବରଂ ଅବ୍ୟବସ୍ଥା ଓ ଅରାଜକତା ସୃଷ୍ଟି କରି ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ମଧ୍ୟ କାଠଗଡ଼ାରେ ଠିଆ କରାଇବାକୁ ହୀନ ଉଦ୍ୟମ କରୁଛନ୍ତି। ପରିଚୟର ସଙ୍କଟ ସୃଷ୍ଟି କରିବା ଏବଂ ଦୁର୍ନୀତିପୂର୍ଣ୍ଣ ଉଦ୍ଦେଶ୍ୟ ଯୋଗୁଁ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ସେମାନଙ୍କ ବିଶ୍ୱସନୀୟତା ସମ୍ପୂର୍ଣ୍ଣ ହରାଇଛନ୍ତି। ସେମାନଙ୍କର ଏହି ଅରାଜନୈତିକ ଆଚରଣକୁ ଦେଶର ଜନସାଧାରଣ ଭଲ ଭାବରେ ଦେଖୁଛନ୍ତି।ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, ଆଶ୍ଚର୍ଯ୍ୟର କଥା ହେଉଛି, ନିର୍ବାଚନ ଜିତିଲେ ଏମାନେ ନିଜର ପୁରୁଷାର୍ଥକୁ ଶ୍ରେୟ ଦିଅନ୍ତି, କିନ୍ତୁ ହାରିଗଲେ ଇଭିଏମ୍ ଓ ନିର୍ବାଚନ ଆୟୋଗକୁ ଦୋଷ ଦିଅନ୍ତି। ନ୍ୟାୟାଳୟ ଯଦି ମାମଲାର ଗୁଣବତ୍ତା ଓ ଯୋଗ୍ୟତା ଆଧାରରେ କୌଣସି ରାୟ ଦିଅନ୍ତି, ତେବେ ମାନ୍ୟବର ନ୍ୟାୟାଳୟଙ୍କୁ ମଧ୍ୟ କାଠଗଡ଼ାରେ ଠିଆ କରାଇବାକୁ ହୀନ ଉଦ୍ୟମ କରାଯାଏ। ଏପରିକି ବିଭିନ୍ନ ପ୍ରକାରର ଧମକ ଦେବାକୁ ମଧ୍ୟ ଚେଷ୍ଟା କରାଯାଏ। ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କାଠଗଡ଼ାରେ ଠିଆ କରାଇବା, ଗାଳିଗୁଲଜ କରିବା ଏବଂ ଅବ୍ୟବସ୍ଥା ସୃଷ୍ଟି କରିବା କଂଗ୍ରେସର ନିୟତିର ଅଂଶ ପାଲଟିଛି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ ନେତୃତ୍ୱ ବୁଝିବା ଉଚିତ ଯେ ଜନସାଧାରଣ କାହିଁକି ପ୍ରତିଥର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ୧୯୮୫ ପରଠାରୁ ଉତ୍ତରପ୍ରଦେଶରେ କଂଗ୍ରେସ ଆଉ କ୍ଷମତାକୁ ଫେରିପାରିନାହିଁ। ଉତ୍ତରପ୍ରଦେଶର ଜନସାଧାରଣ ୪୧ ବର୍ଷ ପୂର୍ବରୁ ହିଁ କଂଗ୍ରେସକୁ ବିଦାୟ ଦେଇଥିଲେ। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଲୋକଙ୍କର କଂଗ୍ରେସ ପ୍ରତି ମୋହଭଙ୍ଗ ହୋଇଛି ଏବଂ ସେମାନେ ଏହାଠାରୁ ମୁକ୍ତି ପାଇଛନ୍ତି ।କଂଗ୍ରେସ ନେତାମାନେ ନିଜର ଅକର୍ମଣ୍ୟ, ଦୁର୍ନୀତିଗ୍ରସ୍ତ ଏବଂ ଜନସାଧାରଣଙ୍କ ବିଶ୍ୱାସ ହରାଇଥିବା ନେତୃତ୍ୱକୁ ପରିବର୍ତ୍ତନ କରିବା ଉଚିତ। ଭାରତରେ ଅରାଜକତା ସୃଷ୍ଟି ନକରିବା ସହ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କାଠଗଡ଼ାରେ ଠିଆ କରାଇବା ପାଇଁ ହୀନ ଉଦ୍ୟମରୁ ବିରତ ରହିବା ଆବଶ୍ୟକ ବୋଲି ଯୋଗୀ କହିଛନ୍ତି।



# ନେତାଜୀ ସଂଗ୍ରାମୀ ପରିଷଦ ଆନୁକୂଲ୍ୟରେ ବେଦବିଦ୍ୱାନ ବ୍ରଜବିହାରୀଙ୍କ ଜୟନ୍ତୀ ପାଳିତ



ବଲାଙ୍ଗିର, ୧୨।୧୦: ବଲାଙ୍ଗିର ସାମ୍ବାଦିକ ଭବନ ପରିସରରେ ସାମାଜିକ ଅନୁଷ୍ଠାନ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ବେଦବିଦ୍ୱାନ ବ୍ରଜବିହାରୀଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସହରର ବହୁ ବୁଦ୍ଧିଜିବି ତଥା ସାମାଜିକ ନେତୃମଣ୍ଡଳି ସଂଗଠିତ ହୋଇ ପ୍ରାତଃ ସ୍ମରଣୀୟ ପ୍ରଥିତଯଶା ସାହିତ୍ୟିକଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପରିଷଦର ଆବାହକ ବିରେନ୍ଦ୍ର ବନଛୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରଜ ବିହାରୀଙ୍କ ଅମର କୃତି ର ଗବେଷଣା ସକାଶେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଏକ ମର୍ଯ୍ୟାଦାଜନକ ଚେୟାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରେରଣ ସହିତ ତାଙ୍କ ରଚିତ ଅପ୍ରକାଶିତ ପ୍ରେରଣାଦାୟୀ ପାଣ୍ଡୁଲିପି ସମୁହକୁ ପୁସ୍ତକରୂପ ପ୍ରଚେଷ୍ଟା ଦେବା ପାଇଁ ଦୃଢ ମତ ପ୍ରକାଶ ପାଇଥିଲା । ବିଶିଷ୍ଟ ମଂଚ କଳାକାର ସିନେ ଅଭିନେତା ସାମାଜିକ ଧର୍ମୀ ନାନା ପାଟେକରଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ନିରବ ପ୍ରାର୍ଥନା ସଂଯୋଜିତ ହୋଇଥିଲା ।

ଅତିଥି ବକ୍ତାମାନଙ୍କ ମଧ୍ୟରେ ପରିଷଦର ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଯୁବ ସଂଗଠକ ସୟେଦ ଆଫତାପ୍ ହୁସେନ, କବି ନବୀନ ବିଶ୍ୱବନ୍ଧୁ, କବି ସଂଦୀପ କୁଅଁର, ସାମ୍ବାଦିକ ଶ୍ରୀମନ୍ତ ପଣ୍ଡା, ସାମାଜିକ କର୍ମୀ ମୋହନ ଗୋପାଳ ପଣ୍ଡା, ଶିକ୍ଷାବିତ୍ ସନାତନ ଠାକୁର ପ୍ରମୁଖ ବ୍ରଜବିହାରୀଙ୍କ ସାହିତ୍ୟ ଦର୍ଶନର ବିଭିନ୍ନ ସୋପାନକୁ ସ୍ମୃତିଚାରଣ କରିଥିଲେ । ପରିଷଦର ବରିଷ୍ଠ ସଦସ୍ୟ ରାଜକିଶୋର ଦାଶ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସାଫଲ୍ୟତା କୁ ସାଧୁବାଦ ଜଣାଇଥିଲେ । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବଲାଙ୍ଗିର ସହରର ବହୁ ବୁଦ୍ଧିଜିବୀ ତଥା ସାହିତ୍ୟିକ ଯୋଗଦାନ କରି ସ୍ମୃତି ସଭାକୁ ସଫଳ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିକ୍ଷୋଭ ପ୍ରଦର୍ଶନ

ନୟାଗଡ଼,୧୨।୧୦: ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ 'ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ୍ ଆସୋସିଏସନ୍' ନୟାଗଡ଼ ଶାଖା ପକ୍ଷରୁ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଅଙ୍ଗନବାଡି କର୍ମୀ ଓ ସହାୟିକା ମାନେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଶହ ଶହ ସଂଖ୍ୟାରେ ଏକତ୍ରିତ ହୋଇ ଶୋଭାଯାତ୍ରା ସହର ପରିକ୍ରମା କରି ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାର ନାରାବାଜି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ ଏହି ଅବସରରେ ବିଭିନ୍ନ ଦାବି ନେଇ ଏକ ୧୦ ଦଫା ସମ୍ମିଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ପ୍ରକଳ୍ପ ଅଧୀନରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଭାବରେ ମାନ୍ୟତା ଦେବା କର୍ମୀଙ୍କୁ ମାସିକ ୩୦ ହଜାର ଏବଂ ସହାୟିକାଙ୍କୁ ୧୫ ହଜାର ଟଙ୍କା ୨୦୨୪ ନିର୍ବାଚନ ଇସ୍ତାହାର ଅନୁଯାୟୀ ଘୋଷଣା ହୋଇଥିବା ପାରିଶ୍ରମିକ ବୃଦ୍ଧି ତୁରନ୍ତ କରିବା ।୫୫ ବର୍ଷରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ପାଇଁ ପ୍ରତିବର୍ଷ କାର୍ଯ୍ୟଦକ୍ଷତାକୁ ପୁନର୍ବିଚାର କରାଯାଇ ୬୦ ବର୍ଷ ପରେ ଦୁଇ ବର୍ଷୀୟ ସଂପ୍ରସାରିତ ନିଯୁକ୍ତିରେ ଦେଖାଯାଉଥିବା ସମସ୍ୟାର ସମାଧାନ କରାଯାଉ ।ନେଟୱାର୍କ ସମସ୍ୟା ଯୋଗୁଁ ପୋଷଣ ଟ୍ରାକର୍ ?ରେ ତଥ୍ୟ ଏଣ୍ଟ୍ରି ହୋଇନପାରିବାରୁ ଯେଉଁ କର୍ମୀଙ୍କର ପାରିଶ୍ରମିକ କଟିଛି, ତାହାକୁ ପୁନର୍ବିଚାର କରାଯାଇ ଫେରାଇବା ଅଙ୍ଗନୱାଡ଼ି କର୍ମୀଙ୍କୁ ସୁପରଭାଇଜର ଭାବେ ପଦୋନ୍ନତି ପ୍ରକ୍ରିୟା ପ୍ରତିବର୍ଷ ନିୟମିତ କରାଯିବା ସହ ବାଧକ ସାଜୁଥିବା ବୟସ ସୀମାକୁ କୋହଳ କରିବା ୩ ବର୍ଷର ବକେୟା ୟୁନିଫର୍ମ ରାଶି, ମୋବାଇଲ୍ ରିଚାର୍ଜ, ନେଟ୍ ପ୍ୟାକ୍ ଏବଂ ଗତ ୫ ମାସର ବକେୟା 'ପୋଷଣ ଇନସେଣ୍ଟିଭ୍' ତୁରନ୍ତ ପ୍ରଦାନ କରିବା ।



# ସ୍ୱଚ୍ଛତା ଅଭିଯାନ ସହ ଯାତ୍ରୀଙ୍କ ସହ ଜନସମ୍ବାଦ ଜାରି ରଖିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୨।୧୦(ନି.ପ୍ର,): ପୂର୍ବ ତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ସ୍ୱଚ୍ଛତା ପକ୍ଷ ୨୦୨୬ ପାଳନ ଅବସରରେ ବିଭିନ୍ନ ସଫେଇ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଏବଂ ଯାତ୍ରୀଙ୍କ ସହ ଜନସମ୍ବାଦ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିଶ୍ଚିତ କରିବା ଏବଂ ରେଳବାଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ।



ଏହି ଅଭିଯାନ ଅନ୍ତର୍ଗତ କାର୍ଯ୍ୟାଳୟ ପରିସରର ଯାନ୍ତ୍ରିକ ସଫେଇ, ରେଳଧାରଣା ପାର୍ଶ୍ୱରୁ ବର୍ଜ୍ୟବସ୍ତୁ ଓ ପୁରୁଣା ଆବର୍ଜନା ହଟାଇବା ସହ ଇ-ବର୍ଜ୍ୟବସ୍ତୁ ଏବଂ ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଭଳି କାର୍ଯ୍ୟ କରାଯାଇଛି । ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କୁଇଜ୍ ପ୍ରତିଯୋଗିତା ସହ ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ।

ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ର ଅଂଶସ୍ୱରୂପ ରାୟଗଡ଼, ବଲାଙ୍ଗୀର, ବରପାଲି ଓ ଟିଟିଲାଗଡ଼ ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଓ ଯାତ୍ରୀମାନେ ଉତ୍ସାହର ସହ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହା ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରିବା ସହ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା, ଟ୍ରେନର ସ୍ୱଚ୍ଛତା ଓ ସେବା ପ୍ରଦାନ ସମ୍ପର୍କରେ ନିଜ ଅନୁଭୂତି, ପରାମର୍ଶ ଓ ମତାମତ ରଖିଥିଲେ । ଯାତ୍ରୀମାନଙ୍କ ମତାମତ ଓ ପରାମର୍ଶ ଆଧାରରେ ସେବାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କ୍ଷେତ୍ର ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି କରିବାରେ ସହାୟତା ମିଳିବ । ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛତା, ଉନ୍ନତ ଯାତ୍ରୀ ସୁବିଧା ଏବଂ ଯାତ୍ରୀକେନ୍ଦ୍ରିକ ରେଳ ସେବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

# ଏଆଇଟିୟୁସିର ୫ମ ବଲାଙ୍ଗିର ଜିଲ୍ଲା ସମ୍ମିଳନୀ



ବଲାଙ୍ଗିର,୧୧.୧୦: ଦେଶର ସର୍ବପ୍ରଥମ ଟ୍ରେଡ ୟୁନିୟନ ସଂଗଠନ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ସ୍ଥାନୀୟ ଗୋୟଲ ଧର୍ମଶାଳାରେ ୫ମ ବଲାଙ୍ଗିର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା ଯୋଗ ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ ଜିଲ୍ଲାର ଶ୍ରମିକ ସଂଗଠନର କାର୍ଯ୍ୟକଳାପ, ସମସ୍ୟା, ଅଧିକାର, ମଜୁରି, ସାମାଜିକ ସୁରକ୍ଷା ଓ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ବଲାଙ୍ଗିର ଜିଲ୍ଲାର ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ତୀର୍ଥ ପଧାନ, କାର୍ଯ୍ୟକାରୀ ସଭାପତି ମନୋଜ ଗୌଡ, ଉପ-ସଭାପତି ପାଣ୍ଡବ ଭୋଇ, ହରପ୍ରୀୟା କୁମ୍ଭାର, ପି.ଦାମୋଦର ରାଓ, ସଂପାଦକ ଜଗବନ୍ଧୁ ବେହେରା, ସହ-ସଂପାଦକ ସାଏବୁ ନନ୍ଦ, ଦିଲିପ ଭୋଇ, ବିଦୂର କୁମ୍ଭାର, ପ୍ରଭାସିନୀ ରାଏ, କମଳ ଭୋଇ, ଶୋଭାଗିନୀ ବାଗ, ପୂର୍ଣ୍ଣିମା ହରପାଲ, କୋଷାଧ୍ୟକ୍ଷ ପ୍ରବୀର କୁମ୍ଭାର କର୍ଣ୍ଣ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ମାଧବୀ କଲତା, ବଲ୍ଲଭି ସିଂ, ରାଜକୁମାର ଜଗଦଲ୍ଲା, ଓମି ଗୁପ୍ତା, ରସିକ ରଣା, ଶ୍ୟାମ ପୁଟେଲ, ପୁରୁଷୋତ୍ତମ କର୍ମୀ, ଦମୟନ୍ତି ମହାନନ୍ଦ, ନିରାକାର ପଧାନ ଓ ଘାସିରାମ ସାହୁ ମନୋନିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଜୁଲି ମେହେର, ଜାହ୍ନବି ବାରିକ, ପ୍ରମୋଦିନୀ ନାଏକ, ଦୁର୍ଗା ନାହାକ, ଲତା ପୁଟେଲ, ମାଧବୀ ବେହେରା, ସଂଜୁ ବାଗ, ପୁଷ୍ପଲତା ଦୀପ, ଶୋଭାଗିନୀ ତାଣ୍ଡି, ଅଯୋଧ୍ୟା ବରିହା, ସଂଗୀତା ହରପାଲ, ମୁକ୍ତା ଉଦୁରକୁଲିଆ, ସବିତା କୁମ୍ଭାର, ଅହଲ୍ୟା ବାଗ, ମହେନ୍ଦ୍ର ରଣା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ । ଉକ୍ତ ସମ୍ମିଳନୀରେ ଜିଲ୍ଲାର ଆଶା କର୍ମୀ, ପାଚିକା ସହାୟିକା, ନିର୍ମାଣ ଶ୍ରମିକ, ପଂଚାୟତ ଶ୍ରମିକ ସଂଘ, ବିଦ୍ୟୁତ କର୍ମଚାରୀ ସଂଘ, ପ୍ରତିରକ୍ଷା କର୍ମଚାରୀ ସଂଘ, ଉଦ୍ୟାନ ସାଥୀ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଶେଷରେ ସାଏବୁ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡେଲାଙ୍ଗରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ

ଡେଲାଙ୍ଗ,୧୨।୧୦: ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ସେବା ସଙ୍କଳ୍ପ ଅଭିଯାନ ଅବସରରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡେଲାଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସମୀର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ,ସାଂସଦ ଡା.ସମ୍ବିତ ପାତ୍ର , ପଂଚାୟତ ସମିତି ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ତହସିଲଦାର ଦେବୀ ପ୍ରଶାଦ ଆଚାର୍ଯ୍ୟ, ପିପିଲି ଏସଡିପିଓ ଦେବାଶିଷ୍ ମିଶ୍ର, ଆତ୍ମା କମିଟି ଅଧ୍ୟକ୍ଷ ଲଡୁକିଶୋର ରାୟ,ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ,ଅତିରିକ୍ତ ତହସିଲଦାର ରାଜେନ୍ଦ୍ରନାରାୟଣ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ ପ୍ରମୁଖ ଯୋଗଦେଇଥିଲେ । ଜିପିଓ ନୃସିଂହଚରଣ ମିଶ୍ର ସଭା ସଂଯୋଜନା କରିଥିଲେ । ଏହି ସମାବେଶରେ ପଂଚାୟତ ରାଜର ୧୮ ବିଭାଗରୁ ବିଭିନ୍ନ ଅଧିକାରୀମାନ ଉପସ୍ଥିତ ଥିଲେ ।

# ପୁରୁଣାବଜାର ଥାନା ତରଫରୁ ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

## ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ



ଭଦ୍ରକ ୧୨।୧୦: ଆର୍ନ୍ତଜାତୀୟ ବାଳିକା ଦିବସ ଅବସରରେ ଭଦ୍ରକ ପୁରୁଣାବଜାର ଥାନା ଓ ଆସିଆନା ସଂଗଠନର ମିଳିତ ଆନୁକୂଲ୍ୟରେ ଜୁଭେଣ୍ଟିକା ଆଉଟ୍‌ରିଚ୍ ସଚେତନତା କାର୍ଯ୍ୟକ୍ରମ ପୁରୁଣା ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାଇପାସ୍‌ସ୍ଥିତ ସୋସାଇଟ୍ ଫର୍ ଉଇକର କମ୍ୟୁନିଟ୍ (ଆସିଆନା) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ଯୋଗଦେଇ ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କର ଅଧିକାରର, ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୁହିକ ପ୍ରୟାସ ଜାରି ରଖିବା ପାଇଁ ଆବଶ୍ୟକୀୟ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷର ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି "ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ" । ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଲ୍‌ଟର ହୋମ୍‌ର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ଆସିଆନାର ସଂଯୋଜକ ରିଆଜ ଅହମଦ୍ ସ୍ୱାଗତ ଭାଷଣ ଦେବା ସଂଗେ ସଂଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରେନ୍ ନିରାପତ୍ତା ପ୍ରତି ସତର୍କତା ଓ କର୍ତ୍ତବ୍ୟନିଷ୍ଠା ପାଇଁ ତିନି ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୨।୧୦: ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ତିନି ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି । ଜୁଲାଇ ଓ ଅଗଷ୍ଟ ୨୦୨୬ ମାସରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେଇପାରିଥିଲେ । ଏହାଦ୍ୱାରା ସୁରକ୍ଷିତ ଓ ସୁଚାରୁ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ସମ୍ଭବ ହୋଇପାରିଥିଲା ।



ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ:୧. ଶ୍ରୀ ସାରଦା ପ୍ରସାଦ ସାହୁ, ଟ୍ରାକ୍ ମେଣ୍ଟେନର୍-୪, ବଡ଼ବନ୍ଧ (ଗୋରଖନାଥ ଅଧୀନରେ), ଖୋର୍ଦ୍ଧା ରୋଡ୍ ମଣ୍ଡଳ ।୨. ତ୍ରିନାଥ ସେଲମା, ଟ୍ରାକ୍ ମେଣ୍ଟେନର୍-୪, କଣ୍ଟାବାଞ୍ଜି, ସମ୍ବଲପୁର ମଣ୍ଡଳ ।୩. ଶୁଭମ ସା, ଟ୍ରାକ୍ ମେଣ୍ଟେନର୍-୪, (ଝଝର/ ଚ.ଡବଛ/ମହାସମୁନ୍ଦ ଅଧୀନରେ), ସମ୍ବଲପୁର ମଣ୍ଡଳ । ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ କର୍ମଚାରୀମାନେ ଅସାଧାରଣ ସତର୍କତା ପ୍ରଦର୍ଶନ କରି ରେଳ ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ସେମାନଙ୍କର ତ୍ୱରିତ ସୂଚନା ଆଧାରରେ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନିଆଯାଇ ରେଳ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରାଯାଇପାରିଥିଲା । ରେଳ ନିରାପତ୍ତା ବଜାୟ ରଖିବାରେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସତର୍କତା, ଦାୟିତ୍ୱବୋଧ ଓ ତ୍ୱରିତ ପଦକ୍ଷେପର ଗୁରୁତ୍ୱକୁ ଏହା ପ୍ରତିପାଦିତ କରିଛି ।

# ଟୁବେ : ପାଳ ଛତୁ ଓ ଛତୁ ମଞ୍ଜି ଉତ୍ପାଦନ ତାଲିମ କାର୍ଯ୍ୟକ୍ରମ

ଛେଣ୍ଡିପଦା,୧୨।୧୦: ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ 'କୃଷକ ଉତ୍ପାଦକ ସଂଗଠନ ସଦସ୍ୟ ମାନଙ୍କ ନିମନ୍ତେ 'କୃଷକ ଉତ୍ପାଦକ ସଂଗଠନ ର ଉତ୍କର୍ଷ କେନ୍ଦ୍ର ପ୍ରକଳ୍ପ , ଓୟୁଏଟି' ଅନ୍ତର୍ଭୁକ୍ତ ବଂଅରପାଳ ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ ଟୁବେ ଗ୍ରାମ ଠାରେ ଏକ ପାଳ ଛତୁ ଉତ୍ପାଦନ ତଥା ପାଳ ଛତୁ ମଞ୍ଜି ଉତ୍ପାଦନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମରେ ପିତାବଳି ଓ କଳାପାଟ କୃଷକ ଉତ୍ପାଦକ ସଂଗଠନ ର ୫୦ ଜଣ ସଦସ୍ୟ ସଦସ୍ୟା, ବୋର୍ଡ ନିର୍ଦ୍ଦେଶକ ସହିତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଏଥିରେ କେନ୍ଦ୍ର ର କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଶ୍ରୀମତୀ ସୁନିତା ରାଣୀ ସେଠୀ ତାଲିମ ପରିଚାଳନା କରି ଉତ୍ପାଦକ ସଂଗଠନ ପାଇଁ ବ୍ୟବସାୟ ଭିତ୍ତିକ ଛତୁ ଚାଷ ର ଉପାଦେୟତା ଓ ଆବଶ୍ୟକତା ସମ୍ବନ୍ଧୀୟ ଆଲୋଚନା କରିଥିଲେ । ଏଥି ସହିତ କେନ୍ଦ୍ର ର ଗୃହ ବିଜ୍ଞାନୀ ,ଶ୍ରୀମତୀ ଧରିତ୍ରୀ ପାତ୍ର ଛତୁ ଚାଷ ର ଉତ୍ପାଦନ ପ୍ରଣାଳୀ,ବୈଜ୍ଞାନିକ ପଦ୍ଧତି ବିଷୟରେ ଚାଷୀ ଙ୍କୁ ଅବଗତ କରାଇଥିଲେ । ସଦସ୍ୟ ସଦସ୍ୟା ମାନେ ନିଜେ ମଧ୍ୟ ଛତୁ ବେଡ଼ ପକାଇ ଶିଖିଥିଲେ ।ଏହି ତାଲିମ କୃଷକ ଉତ୍ପାଦକ ସଂଗଠନ ଗୁଡିକୁ ଚାଷୀ ମାନକୁ ସ୍ୱାବଲମ୍ବୀ କରିବା ଏବଂ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ସାହାଯ୍ୟ କରିବ ବୋଲି ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।



# ଅନୁଗୋଳରେ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି

ଅନୁଗୋଳ,୧୨।୧୦(ନି.ପ୍ର.); ଅନୁଗୋଳ ସହରରେ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ଆଜି ଅପରାହ୍ନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ବୈଠକରେ ଯୋଗ ଦେଇ ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ବ୍ୟବସ୍ଥିତ ଓ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନୁଗୋଳ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଯୋଗ ଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ଅନୁଗୋଳ ସହରରେ ଦୁର୍ଗା ପୂଜା ଉତ୍ସବ ନିମନ୍ତେ ମା ଙ୍କର ୧୦ଗୋଟି ମେଢ ଓ ଲକ୍ଷ୍ମୀ ପୂଜା ଉତ୍ସବ ନିମନ୍ତେ ମା ଙ୍କର ୨୯ ଗୋଟି ମେଢ ପ୍ରତିଷ୍ଠା କରାଯିବ । ଚଳିତ ମାସ ୧୭ତାରିଖ ଠାରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଅକ୍ଟୋବର ୨୨ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ।



ସେହିପରି ଅକ୍ଟୋବର ମାସ ୨୫ ତାରିଖରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ୪ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଳ ପୂର୍ବକ ଚାନ୍ଦା ଆଦାୟ ନ କରିବା ନିମନ୍ତେ ମତ ପ୍ରକାଶ ପାଇଥିଲା । ସମସ୍ତ ପୂଜା କମିଟି ଦ୍ୱାରା ନିର୍ମିତ ତୋରଣଗୁଡିକଭୂମି ଠାରୁ ଅନୁନ୍ୟ ୧୮ ଫୁଟ ଉଚ୍ଚରେ ରହିବ ଓ ୧୮ ଫୁଟ ଚଉଡାରେ ନିର୍ମାଣ ହେବ ଏବଂ ଲିଚୁ ଲାଇଟ୍ ଗୁଡିକୁ ୧୬ ଫୁଟଉଚ୍ଚତାରେ ଲଗାଇବେ ପୂଜା ସମୟରେ ଡାକବାଜି ଯନ୍ତ୍ରର ଅଧିକ ଓ ଅତ୍ୟଧିକ ଉଚ୍ଚ ଶବ୍ଦ ବ୍ୟବହାରକୁ ବାରଣ କରାଯାଇଛି । ଏହାର ତଦାରଖ ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି । ପୂଜା ଓ ଭସାଣିରେ ଆତସବାଜୀ ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ପୂଜା ସମୟରେ ମେଲୋଡି ଓ ଅନ୍ୟାନ୍ୟମନୋରଞ୍ଜନ କାର୍ଯ୍ୟକ୍ରମ ସବୁ ରାତ୍ର ୧୧ ଘଟିକା ସୁଦ୍ଧା ସମାପନ କରିବାକୁ ପଡିବ । ଚଳିତ ବର୍ଷ ହେମସୁରପଡା ଦୁର୍ଗାପୂଜା କମିଟି ଦ୍ୱାରା ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ,ପାର୍କ ବ୍ୟବସ୍ଥା ଓ ଶାନ୍ତି ଶୃଖଳା ବଜାୟ ରଖୁବା ନିମନ୍ତେ ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରାଯାଇଛି । ପୂର୍ବ ବର୍ଷ ଭଳି ପୂଜାକମିଟିଗୁଡିକ ପୂଜାମଣ୍ଡପରେ ଅଗ୍ନି ନିର୍ବାପକ ସରଂଜାମ ରଖୁବା ସହିତ ସିସି ଟିଭି ଲଗାଇବାକୁ ସ୍ଥିର ହୋଇଛି । ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଳିକ, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସଞ୍ଜୟ ନାୟକ, ସେଣ୍ଟ୍ରାଲ ପୂଜା କମିଟିର ସଭାପତି, ସମ୍ପାଦକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନି ପ୍ରମୁଖ ଯୋଗ ଦେଇଥିଲେ ।

# କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପ୍ରୟାସ: ପବ୍ଲିକ ସର୍ଭିସ୍ ଆଶାୟୀଙ୍କୁ କୋଚିଂ ସୁବିଧା

ଭୁବନେଶ୍ୱର, ୧୨।୧୦: : ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ଥିବା କିଟ୍ କିସ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମାଗରଦର୍ଶନ ଓ ମେଣ୍ଟରିଂ ପ୍ରଦାନ ଲକ୍ଷ୍ୟରେ କିଟ୍ ଆଇଏଏସ୍ ଏକାଡେମୀ (କିଆସା) ଶୁଭାରମ୍ଭ ହୋଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାର ଉଦ୍ଘାଟନ କରିଥିଲେ । ସୂଚନାଯୋଗ୍ୟ, କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ସହ ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ପିଲାଙ୍କୁ ହାତ ପାଆନ୍ତାରେ ବିନାଦେୟରେ କୋଚିଂ ଯୋଗାଇ ଦେବା ନିମନ୍ତେ ଶ୍ରୀ ସାମନ୍ତ ଦୀର୍ଘ ଦିନ ଧରି ପ୍ରୟାସ କରି ଆସୁଥିଲେ ।

କିଆସାକୁ ଉଦ୍ଘାଟନ କରି ଶ୍ରୀ ସାମନ୍ତ କହିଲେ, ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରାର୍ଥୀମାନଙ୍କୁ ଉତ୍ତମ ମାଗରଦର୍ଶନ ଓ ପ୍ରସ୍ତୁତି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଛି । କିଟ୍ ଓ କିସ୍ ପରିବାରର ପବ୍ଲିକ ସର୍ଭିସ୍ ?ରେ ଯୋଗଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ମେଣ୍ଟରିଂ ପାଇଁ କିଆସା ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ । ଗୁଣାତ୍ମକ ମାର୍ଗଦର୍ଶନ ପାଇଁ ଛାତ୍ରଛାତ୍ରୀମାନେ ପାରଂପରିକ ଭାବେ ଓଡିଶା ବାହାରକୁ ଯାଇ ସିଭିଲ୍ ସର୍ଭିସ୍ ପ୍ରସ୍ତୁତି ନେଉଥିଲେ । କିଆସା ଶୁଭାରମ୍ଭ ହେବା ଫଳରେ ଏବେ ସେମାନେ ଘର ନିକଟରେ ଏଭଳି ସୁବିଧା ପାଇପାରିବେ ବୋଲି ଶ୍ରୀ ସାମନ୍ତ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସିଆଇଏସ୍ ?ଏଫ୍ ଆଇଜି ଶିବ କୁମାର ମୋହାଙ୍କା ଯୋଗଦେଇ ଏହି ପଦକ୍ଷେପକୁ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ବର୍ଣ୍ଣନା କରିଥିଲେ । ସେ କହିଲେ, ସାଧାରଣତଃ ବିଶ୍ୱବିଦ୍ୟାଳୟଗୁଡିକ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ କରିଥାନ୍ତି । ମାତ୍ର କିଆସା ଭଳି ପଦକ୍ଷେପ ପାରଂପରିକ ଶିକ୍ଷାର ସୀମା ଅତିକ୍ରମ କରି ଯୁବପି ?ଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବ ।



କିଟ ସ୍କୁଲ ଅଫ ପବ୍ଲିକ ପଲିସି (କେଏସ୍ ?ପିପି)ର ନିର୍ଦ୍ଦେଶକ ତଥା କିଆସା ବିଭାଗୀୟ ମୁଖ୍ୟ ବିମ୍ବାଧର ପ୍ରଧାନ କହିଲେ, ଏହି ଏକାଡେମୀ ଅଞ୍ଚଳରେ ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଏକ ପ୍ରତିଷ୍ଠାନଭିତ୍ତିକ ମଞ୍ଚ ସୃଷ୍ଟି କରିବାର ସ୍ୱପ୍ନକୁ ସାକାର କରିଛି । ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ମାନବିକତା ମାଧ୍ୟମରେ ସମାଜର ବଞ୍ଚିତ ବର୍ଗଙ୍କୁ ସଶକ୍ତ କରିବା ପାଇଁ କିଟ୍ ନିରନ୍ତର ଭାବେ ଏକ ସୁଦୃ ? ପରିବେଶ ସୃଷ୍ଟି କରିଆସିଛି ବୋଲି ସେ କହିଥିଲେ ।

ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍ ?ଏଲ୍ ?ପିର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଯାଦବ ମଧ୍ୟ ଏହି ଅବସରରେ ଉଦ୍ ?ବୋଧନ ଦେଇଥିଲେ । ଏହି ପଦକ୍ଷେପର ଅଂଶ ଭାବେ କିଟ୍ ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍ ?ଏଲ୍ ?ପି ସହ ଭାଗୀଦାରି କରିଛି । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉଦ୍ ?ବୋଧନ ଦେଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
Editor : Sarat Raut
ସଂପାଦକ: ଶରତ ରାଉତ